# ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ
- ଦୁର୍ଘଟଣା ଘଟାଇଥିବା ବୁଲେଟ ଚାଳକଙ୍କ ଥାନାରେ ଆତ୍ମସମର୍ପଣ
- ୫ଘଣ୍ଟା ଧରି ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ


ରାସ୍ତା ଅବରୋଧ କରିଥିବା ଗ୍ରାମବାସୀ ।

**ବିଞ୍ଝାରପୁର,୮।୩(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ଗ୍ରାମର ଯୁବକ ରାଜେନ୍ଦ୍ର ଦାସ(୪୨) ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବାବେଳେ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ରବିବାର ଅପରାହ୍ନରେ ଯୁବକଙ୍କ ମୃତଦେହ ଗ୍ରାମକୁ ଫେରିବା ପରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ବାଛୋଳ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଗ୍ରାମବାସୀ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଶେଷରେ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଦେବାକୁ ବିଞ୍ଝାରପୁର ତହସିଲଦାର କାବେରୀ ମୁଦୁଲି ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଏହି ରାସ୍ତା ଅବରୋଧ ଯୋଗୁ ସିଂହପୁର-ଯାଜପୁର ରାସ୍ତାରେ ୫ଘଣ୍ଟା ଧରି ଯାତାୟାତ ଠପ ହୋଇଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ମାଁସଡ଼ା ଗ୍ରାମର ଦିବ୍ୟପ୍ରକାଶ ପଣ୍ଡା ବିଞ୍ଝାରପୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।

ଗତ ଗୁରୁବାର ରାତି ୮ଟାରେ ରାଜେନ୍ଦ୍ର ତାଙ୍କ ୩ ବର୍ଷର ପୁଅକୁ ନେଇ ବାଛୋଳ ଛକରେ ଗୁପଚୁପ ଖାଉଥିଲେ। ଏହିସମୟରେ ମାଁସଡା ଗ୍ରାମର ଦିବ୍ୟପ୍ରକାଶ ବୁଲେଟରେ ସିଂହପୁରରୁ ଫେରୁଥିବା ସମୟରେ ରାଜେନ୍ଦ୍ରଙ୍କୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ଉଭୟ ଦିବ୍ୟପ୍ରକାଶ ଓ ରାଜେନ୍ଦ୍ର ଗୁରୁତର ହୋଇଥିଲେ। ରାଜେନ୍ଦ୍ରଙ୍କ ତିନିବର୍ଷର ପୁଅ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଦିବ୍ୟପ୍ରକାଶ ସୁସ୍ଥହୋଇ ଘରକୁ ଫେରିଥିଲାବେଳେ ରାଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ଣ୍ଣ ହୋଇଥିଲା। ଫଳରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଦୁର୍ଘଟଣାକୁ ନେଇ ରାଜେନ୍ଦ୍ରଙ୍କ ମା'ଶଶିରେଖା ଦାସ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବିଶ୍ୱ ମହିଳା ଦିବସ ପାଳିତ

**ଯାଜପୁର ଟାଉନ୍,୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବ୍ଲକ୍ ଅନ୍ତର୍ଗତ ବିଚିତ୍ରପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଯାଜପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ବିଶ୍ୱମହିଳା ଦିବସ ପାଳିତ ହୋଇଯାଇଛି। ଏଥିସହିତ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ୍ ଅଧ୍ୟକ୍ଷତା କରି ଜାତୀୟ ଆଇନସେବା ପ୍ରାଧିକରଣର କାର୍ଯ୍ୟଧାରା, ନୂତନ ଆଶା କାର୍ଯ୍ୟକ୍ରମର ସଚେତନତା, ସହଯୋଗ, ସାହାଯ୍ୟ ଓ କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରିଥିଲେ। ଅତିଥି ଆଲୋଚକ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗର ଡାକ୍ତର ଶାନ୍ତିପ୍ରିୟା ମୁର୍ମୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି, ଏଲ୍‌ପିଓ ରୋଜାଲିନ୍ ପଣ୍ଡା ପ୍ରମୁଖ ଯୋଗଦେଇ ପିଏନଡିଟି ଆକ୍ଟ, ବାଲ୍ୟବିବାହ ନିରୋଧ ଆଇନ୍, ଶିଶୁ ଶୋଷଣ ବିରୋଧୀ ଆଇନ୍, ଶିଶୁ ଅଧିକାର, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନଗତ ଶୋଷଣ ବା ଅନୁଚିତ ବ୍ୟବହାର, ଯୌତୁକ ସମ୍ବନ୍ଧୀୟ ସଚେତନତା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ବିଶ୍ୱ ମହିଳା ଦିବସ ପାଳନର ମହତ୍ତ୍ୱ ବିଷୟରେ କହିଥିଲେ। ଚଳିତ ବର୍ଷର କଥାବସ୍ତୁ ଦେଇ ପାଇବା ଗିଭ୍ ଟୁ ଗେନ୍ ଓ ପ୍ରତ୍ୟେକ ମହିଳା ଏବଂ ବାଳିକାଙ୍କ ଅଧିକାରକୁ ସୁରକ୍ଷିତ କରି କିପରି ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଭାଗନେଇଥିବା ମହିଳାମାନେ ବିଭିନ୍ନ ସଚେତନତାଧର୍ମୀ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ପଞ୍ଚାୟତ ଜନପ୍ରତିନିଧିମାନେ ସହଯୋଗ କରିଥିଲେ। ଯାଜପୁର ଜିଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମହିଳା ଦିବସ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

# ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ଦାବି

**କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା**

**ଜନମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ**

**ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା କରାଯାଇଛି। ଯାହା ଅଞ୍ଚଳର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ହୋଇପାରିବ ବୋଲି ଶନିବାର କେନ୍ଦ୍ରାପଡ଼ା ଜିଲାର ଅଗ୍ରଣୀ ସଙ୍ଗଠନ ଜନମଞ୍ଚ ପକ୍ଷରୁ ପଟ୍ଟାମୁଣ୍ଡାଇରେ ଏକ ବୈଠକରେ ସଭ୍ୟମାନେ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଜନମଞ୍ଚ ପକ୍ଷରୁ ଦୀର୍ଘଦିନର ଦାବିକୁ ଘୋଷଣା ଓ କାର୍ଯ୍ୟକାରୀ କରିବାକୁ ସଭ୍ୟମାନେ ନିବେଦନ କରିଛନ୍ତି। ପୂର୍ବରୁ ଏଠାରେ କୌଣସି ସରକାରୀ ବିଶ୍ୱବିଦ୍ୟାଳୟ ନ ଥିବାବେଳେ ଏହା ଏକକ ନା ସହବନ୍ଧନ ଭାବେ ଗଢା ହେବ ତାହା ସ୍ପଷ୍ଟ କରିବା ସହିତ ଆଗାମୀ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରାଇବାକୁ ସଭାରେ ଦାବି କରାଯାଇଛି।

ପଟ୍ଟାମୁଣ୍ଡାଇ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜନମଞ୍ଚର ବରିଷ୍ଠ ସଭ୍ୟ ପ୍ରଦୀପ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନର ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ଆଲୋଚନାରେ ଯୋଗଦେଇ ସମ୍ପ୍ରତି ଆମେରିକା ଇରାନ ଉପରେ ଆକ୍ରମଣ କରିବା ସହିତ ତାଙ୍କର ସେନାମୁଖ୍ୟଙ୍କୁ ହତ୍ୟା କରିବା, ଏହା ପୂର୍ବରୁ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ଦମ୍ପତିଙ୍କୁ ବନ୍ଦୀ କରିନେବା, ପରେ କ୍ୟୁବା ଉପରେ ଆକ୍ରମଣ କରିବାକୁ ହୁଙ୍କାର ଦେବା ଓ ରୁଷରୁ ତେଲ କିଣିବାକୁ ଔଦ୍ଧତ୍ୟମୂଳକ ଭାବେ ଏକ ମାସ ସମୟସୀମା ଦେବା ଭଳି ଘଟଣାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା। ଜାତିସଂଘ ତଥା ପୃଥିବୀର ଜନମତ ଏହି ଆହ୍ୱାନକୁ ସମ୍ମୁଖୀନ ହୋଇ ଦୃଢତାର ସହ ଠିଆ ହେବାକୁ ସଭାରେ ଆଲୋଚନା ହୋଇଥିଲା। ଏଥିରେ ସର୍ବେଶ୍ୱର ବାରିକ, ଅଭିମନ୍ୟୁ ମଲ୍ଲିକ, ସର୍ବେଶ୍ୱର ସେଠୀ, ମଳୟ ଉଠଅ, କୃପାସିନ୍ଧୁ ସାମଲ, ବିଭୁ ପ୍ରସାଦ ଦାଶ, ଅନ୍ତର୍ଯାମୀ ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ରବୀନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ପାରାଦୀପ,୮।୩(ଶରତ ରାଉତ)**

ସ୍ଥାନୀୟ ଜୟଦେବ ଭବନରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗନ୍ନାଥ ଲଳିତ କଳା ସଂସଦ ଓ ପାରାଦୀପ ବନ୍ଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ଉଦଘାଟନ କରିଥିଲେ। ପରେ ସାକ୍ଷରତା ସମିତି ପକ୍ଷରୁ ନାଟକ ପ୍ରତିଧ୍ୱନୀ ପରିବେଷଣ କରାଯାଇଥିଲା।

# ୪.୬୯ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲା ଟଙ୍କା

**ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଣ୍ଟନ**

**ଯାଜପୁର ଟାଉନ୍,୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଣ୍ଟନ କରାଯାଇଛି। ଏଥିରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାର ହିତାଧିକାରୀଙ୍କୁ ସୁଭଦ୍ରାର ଚତୁର୍ଥ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଥିଲେ, ନାରୀଶକ୍ତିର ଜୟଗାନ ପାଇଁ ସୁଭଦ୍ରା ଐତିହାସିକ ପଦକ୍ଷେପ। ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ଏବଂ ସେମାନଙ୍କ ଦକ୍ଷତା ଓ ଉଦ୍ୟୋମିତା ବିକାଶ ହେଉଛି। ମହିଳାଙ୍କ ଉନ୍ନତିକୁ ଦୃଷ୍ଟିରେ ରଖି ବଜେଟରେ ସୁଭଦ୍ରା ଶକ୍ତି ସମ୍ବାଦ ଯୋଜନାର ପ୍ରସ୍ତାବ ଦିଆଯାଇଛି। ଏହି ଯୋଜନାରେ ସୁଭଦ୍ରା ହିତାଧିକାରୀଙ୍କ ଅଭିଜ୍ଞତା ବାଣ୍ଟିବା, ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରି ଅଭିଯୋଗ ନିରାକରଣ, ପରାମର୍ଶ ଓ ମାର୍ଗଦର୍ଶନ ସହାୟତା ଅନ୍ତର୍ଭୁକ୍ତ ରହିଛି। ଶାରୀରିକ, ମାନସିକ ସୁସ୍ଥତା, ପୁଷ୍ଟିକର ଖାଦ୍ୟ ଓ ଅର୍ଥନୈତିକ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ 'ସୁଭଦ୍ରା ୱେଲନେସ ସେଣ୍ଟର' ପ୍ରତିଷ୍ଠା ହେବ। ଯାଜପୁର ଜିଲାରେ ପ୍ରାୟ ୪ଲକ୍ଷ ୬୯ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତିର ଅର୍ଥରାଶି ବଣ୍ଟନ କରାଯାଇଛି। ସୁଭଦ୍ରା ଅର୍ଥରାଶି ସାହାଯ୍ୟରେ ଯାଜପୁର ଜିଲାର ଅନେକ ମହିଳା ନୂଆ ବ୍ୟବସାୟ ଆରମ୍ଭ କରିଛନ୍ତି ଏବଂ ଏହାରି ମାଧ୍ୟମରେ ଲକ୍ଷପତି ଦିଦି ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ମନ୍ତ୍ରୀ ବଳସାମନ୍ତ ପ୍ରକାଶ କରିଥିଲେ।


ସୁଭଦ୍ରା ୪ର୍ଥ କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ଅନ୍ୟ ଅଧିକାରୀ ।

ଜିଲାପାଳ ଅମ୍ବର କୁମାର କର ଯୋଗଦେଇ କହିଥିଲେ, ଓଡ଼ିଶାର ମହିଳାଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧିରେ ସୁଭଦ୍ରା ଯୋଜନା ଏକ ବଳିଷ୍ଠ ପଦକ୍ଷେପ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାସହ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୩ ସୁପରଭାଇଜର, ଶ୍ରେଷ୍ଠ ସିଡିପିଓ ଏବଂ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାଁରେ ନିଆରା ଢଙ୍ଗରେ ହୋଲି ଉତ୍ସବ

**ଡେରାବିଶ, ୮।୩ (ବେବର୍ତ୍ତା ଅଜୟ ଦାସ)**

ପବିତ୍ର ପଞ୍ଚୁଦୋଳ ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମବାସୀ ରବିବାର ନିଆରା ଢଙ୍ଗରେ ହୋଲି ପର୍ବ ପାଳନ କରିଛନ୍ତି। ଗ୍ରାମର ସାମାଜିକ କର୍ମୀ ଅଭିମନ୍ୟୁ ରାଉତଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଗ୍ରାମର ଶତାଧିକ ଯୁବତୀ ଯୁବକ ପୂର୍ବାହ୍ନରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ପରିକ୍ରମା କରି ପରିବେଶ ସୁରକ୍ଷା, ସୁରକ୍ଷିତ ହୋଲି ଖେଳ ଓ ଭାଇଚାରାକୁ ସୁଦୃଢର ବାର୍ତ୍ତା ଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ। ପରେ ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗଛ ଉପରେ ଟଙ୍ଗା ଯାଇଥିବା ଦଧିହାଣ୍ଡି ଓ ରଙ୍ଗ କଳସ ଭାଙ୍ଗି ହୋଲି ଖେଳିଥିଲେ। ଆବାହକ ସଞ୍ଜିବ କୁମାର ନାୟକ, ସୋମ୍ୟରଞ୍ଜନ ରାଉତ, ସ୍ମୃତିରଞ୍ଜନ ରାଉତ, ସୁକଦେବ ସାହୁ, ସଞ୍ଜିତ ଦାସ, ସତ୍ୟରଞ୍ଜନ ରାଉତ, ଆଶିଷ ମହାନ୍ତି, ସହଦେବ ସାହୁ, ଜ୍ଞାନରଞ୍ଜନ ଦାସ ଓ ରାଜୀବ ରାଉତ ପ୍ରମୁଖ ଏହି ହୋଲି ଖେଳ ଉତ୍ସବ ପରିଚାଳନା କରିଥିଲେ। ପରିବେଶବିତ କାଶୀନାଥ ରାଉତ, ସ୍ୱେଚ୍ଛାସେବୀ ଲକ୍ଷ୍ମୀକାନ୍ତ ଜେନା, ପ୍ରମୋଦ ମହାରଣା, ଗୌତମ ସାହୁ, ମମତା ରଉତ, ସଂଯୁକ୍ତା ସାମଲ, କଳ୍ପନା ରାଉତ, ସରିତା ବାରିକ ଓ ଲକ୍ଷ୍ମୀପ୍ରିୟା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ନାନୀ ଗୋସେଇଁ ମେଳଣ ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆସ୍ଥିତ ନାନୀ ଗୋସେଇଁ ମେଳଣ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମେଳଣ ମହୋତ୍ସବର ନେତୃତ୍ୱ ନେଉଥିବା ମଠାଧୀଶ ମହନ୍ତ ପ୍ରଫୁଲ୍ଲ ପଣ୍ଡା ଏ ସମ୍ପର୍କରେ କହିଛନ୍ତି, ସନାତନ ସଂସ୍କୃତିରେ ଏହି ପାରମ୍ପରିକ ଧାରା ଦୀର୍ଘ ୧୨୮ ବର୍ଷ ଧରି ଚାଲିଆସିଛି। ଗ୍ରାମବାସୀ ଓ ମଠର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ମହୋତ୍ସବରେ ଆଧ୍ୟାତ୍ମ କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇଥାଏ। ଚଳିତବର୍ଷ ୨୦ରୁ ଊର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ମେଳଣ ପଡିଆରେ ସମ୍ମିଳିତ ହୋଇଥିଲେ। ଏଥିରେ ବାଣ ରୋଶଣି ସହ ବିମାନ ଆସୁଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂର୍ବ ରାତିରେ ଏହି ମେଳଣ ଆରମ୍ଭ ହେଉଥିବା ବେଳେ ପ୍ରତିବର୍ଷ ପରି ଆଧ୍ୟାତ୍ମ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଫାଣ୍ଡିଅଧିକାରୀ ନୃସିଂହ ଚରଣ ମହାନ୍ତି, ଶିକ୍ଷାବିତ୍ ଅଶୋକ ନାୟକ, ଆଶୁକବି ନୃସିଂହ ରାଉତ, ଆରୋଶିଷ ରାଉତ, ବିଦ୍ୟୁତ୍ କର୍ମଚାରୀ ପୁରୁଷୋତ୍ତମ ତରାଇ ପ୍ରମୁଖଙ୍କୁ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, କମିଟି କର୍ମକର୍ତ୍ତା ଦିଲୀପ ବିଶ୍ୱାଳ, କିଶୋର ଚନ୍ଦ୍ର ରାଉତ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ ବୋଲି ମହନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ସମ୍ବର୍ଦ୍ଧିତ


ସମ୍ବର୍ଦ୍ଧିତ ହୋଇଥିବା ଚାଷୀମାନେ ।

**ଚଣ୍ଡିଖୋଲ,୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗ୍ରାମସ୍ଥିତ ଧବଳେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ଚରଣ ରାୟଙ୍କ ଅଧ୍ୟକ୍ଷତାରେ ଚାଷୀ ସମାବେଶ କରାଯିବା ସହିତ କେତେଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରେ ଚାଷୀ କିଭଳି ସମସ୍ୟାରେ ଅଛନ୍ତି ଓ ସରକାରଙ୍କ ଚାଷୀମାରଣ ନୀତି ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଆସନ୍ତା ୨୨ତାରିଖରେ କେନ୍ଦୁଝର ଘଟଗାଁ ତାରିଣୀଙ୍କ ପୀଠରୁ ଭୁବନେଶ୍ୱର ଅଭିମୁଖେ ସଂଗଠନ ପକ୍ଷରୁ ଦିଆଯାଇଥିବା ଜନଜାଗରଣ ପଦଯାତ୍ରାରେ ଏହି ବ୍ଲକରୁ ୨ ହଜାର ଚାଷୀ ସାମିଲ ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରେ ଚାଷୀ ପ୍ରମିଳା ଜେନା, ନମିତା ଜେନା, ଶକୁନ୍ତଳା ବେହେରା, ଆରତି ମଲ୍ଲିକ, ସାବିତ୍ରୀ ଦାସ, ଶ୍ରୀଧର ଦାସ, ଗୋଲଖ ରାଉତ, ପରିକ୍ଷିତ ଶତପଥୀ, ସେକ ହବିବ ଓ ଉଦୟ କୁମାର ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ହରିଶ ଚନ୍ଦ୍ର ଦଳାଇ, ମାଧବାନନ୍ଦ ଶାନ୍ତି, ଧନଞ୍ଜୟ ବିଶ୍ୱାଳ, ତ୍ରିଲୋଚନ ସାମଲ, ଗଣେଶ୍ୱର ଜେନା, ଦୁର୍ଯ୍ୟୋଧନ ସାହୁ, ସରୋଜ ଜେନା, ବଲ୍ଲଭ ଜେନା, ନିକୁଞ୍ଜ ବିହାରୀ ଜେନା ବକ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଦିଲ୍ଲୀପ ଶଙ୍କର ବେହେରା ଧନ୍ୟବାଦ ଦେଇଥିଲେ।

## ମେଳଣ କମିଟି ସଭାପତିଙ୍କ ପରଲୋକ

**ଚଣ୍ଡିଖୋଲ,୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ସାମାଜିକ କର୍ମୀ, ସମବାୟବିତ ତଥା ମାଣ୍ଡୁକା ପଞ୍ଚାୟତ ମେଳଣ କମିଟିର ସଭାପତି ରାହାସ ବିହାରୀ ମହାନ୍ତି(୭୪)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ମସ୍ତିଷ୍କା ଘାତର ଶିକାର ହୋଇ ଗତ କିଛି ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ସଂଗ୍ରାମ କେଶରୀ ମହାନ୍ତି ମୁଖାଗ୍ନି ଦେଇଥିଲେ। ରବିବାର ରାତିରେ ମାଣ୍ଡୁକା ମେଳଣ ଥିବାବେଳେ ସକାଳେ ମେଳଣ କମିଟି ସଭାପତିଙ୍କ ପରଲୋକ ହେବା ସମସ୍ତଙ୍କୁ ଦୁଃଖିତ କରିଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କମ୍ୟୁନିଷ୍ଟ ନେତା ଦିବାକର ବିଶ୍ୱାଳ, ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ବିଳାସ ଚନ୍ଦ୍ର ବାରିକ, ଆଇନଜୀବୀ ପ୍ରତାପ ନାୟକ, ସଞ୍ଜୟ କର, ମହନୀ ଚରଣ ମହାନ୍ତି, ଅଶୋକ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଚଣ୍ଡିଖୋଲ ମେଳଣ ଉଦ୍‌ଯାପିତ


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ ।

**ଚଣ୍ଡିଖୋଲ,୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ ଛକ ମେଳଣ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ସକାଳୁ ବିଭିନ୍ନ ଦିଗରୁ ବିମାନଗୁଡ଼ିକ ମେଳଣ ପଡ଼ିଆ ଅଭିମୁଖେ ଆସିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ବିମାନଗୁଡ଼ିକ ବାଜା, ବାଣ, ଭଜନ ଓ କୀର୍ତ୍ତନ ମଣ୍ଡଳୀ ସହକାରେ ଆସୁଥିବା ଦେଖାଯାଇଥିଲା। ସୁଙ୍ଗୁଡ଼ା, ଦେଉଳକୁର, ଅଭୟପୁର, ଭୂଷଣ୍ଡପୁର ଓ ଅଚ୍ୟୁତପୁର ଆଦି ବିଭିନ୍ନ ସ୍ଥାନରୁ ୨୦ରୁ ଊର୍ଦ୍ଧ୍ୱ ବିମାନ ଏହି ମେଳଣରେ ସାମିଲ ହୋଇଥିଲେ। ମେଳଣ କମିଟି ପକ୍ଷରୁ ବିମାନଗୁଡ଼ିକୁ ଭୋଗ ଲାଗି କରାଯାଇଥିଲା। ଏହାପରେ ବିମାନଗୁଡ଼ିକ ଫେରିଯାଇଥିଲେ।

## ଚକିବାଙ୍କ, ନଳଦିଆ-କଟକଣା ସେତୁ ଉଦ୍‌ଘାଟିତ

ରାଜନଗର, (ଭାସ୍କର ରାଉତରାୟ) :ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ଚକିବାଙ୍କଠାରେ କାଣୀନାଳ ଉପରେ ନିର୍ମିତ ଉଚ୍ଚ ସୋପାନ ସେତୁ ଓ ବ୍ରାହ୍ମଣୀ ନାଳ ଉପରେ ନିର୍ମିତ କଟକଣା-ନଳଦିଆ ସେତୁ ରବିବାର ଉଦ୍‌ଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୨ ସେତୁକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ପୁଷ୍ପଲତା ପାତ୍ର, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ବରିଷ୍ଠ ନେତା ନିରଞ୍ଜନ ରାଉତ, କୈଳାସ ଚନ୍ଦ୍ର ପରିଡ଼ା, ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ୧୫ 'ଏ' କେନାଲ କଂକ୍ରିଟ୍‌କରଣ ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକମାନଙ୍କୁ ଉତ୍ତମ ଜଳସେଚନ ସୁବିଧା ଯୋଗାଇ ଦେବାକୁ ସହର ଉପକଣ୍ଠ ଆହାର କେନ୍ଦ୍ର ସମ୍ମୁଖରେ ୧୫ 'ଏ' କେନାଲ କଂକ୍ରିଟ କରଣର ପାଇଁ ରବିବାର ଶିଳାନ୍ୟାସ କରାଯାଇଛି। ଏହି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ୨ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟରେ କେନାଲ କଂକ୍ରିଟ କରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି କେନାଲ କଂକ୍ରିଟକରଣ କାର୍ଯ୍ୟ ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ର ବାଇପାସଠାରୁ ତାତନା ପର୍ଯ୍ୟନ୍ତ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ସମେତ କାଉନସିଲର, ବହୁ ବିଜେଡି ନେତା, କର୍ମକର୍ତ୍ତା, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗଦେଇଥିଲେ।

### ପୂର୍ବତନ ଜିଲାପରିଷଦ ସଦସ୍ୟ ଶ୍ରୀକାନ୍ତ ସାହୁଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ସଂଗ୍ରାମୀ ନେତା ପୂର୍ବତନ ଜିଲା ପରିଷଦ ସଦସ୍ୟ ଓ ସମିତି ସଭ୍ୟ ଶ୍ରୀକାନ୍ତ ସାହୁ(୬୯)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ କଟକ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସକାଳେ ହସ୍ପିଟାଲରେ ତାଙ୍କର ପରଲୋକ ପରେ ତାଙ୍କ ମୃତଦେହକୁ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରାଯିବା ପରେ ସାନଜରିଆ ଓ ଅରଡ଼ପଲ୍ଲୀ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ସେ ଜଣେ ସଂଗ୍ରାମୀ, ଦୁଃସାହସୀ ସାଲିସବିହୀନ ନେତା ଭାବେ ସାଧାରଣରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ଜନ୍ମମାଟି ଅରଡ଼ପଲ୍ଲୀ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ରାଜ କୁମାର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଡେରାବିଶ, ୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅଧୀନ ଠାକୁରପାଟଣା ଗ୍ରାମର ଧର୍ମପ୍ରାଣା ମହିଳା ରେବତୀ ନାୟକ (୮୧)ଙ୍କ ରବିବାର ପରଲୋକ ଘଟିଛି। ରେବତୀ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପ୍ରାଣା ମହିଳା ଭାବେ ନିଜ ଗ୍ରାମରେ ପରିଚିତ ଥିଲେ। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଦେବକୀଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ଶୋକାକୁଳ ପରିବେଶ ମଧ୍ୟ ରେବତୀଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ସମ୍ପନ୍ନ କରାଯାଇଛି। ତାଙ୍କ ପୁତ୍ର ତଥା ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ଦାସଙ୍କ ସମେତ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।



# ରାମଚଣ୍ଡୀ ନୂତନ ମନ୍ଦିର ନିର୍ମାଣକୁ ନେଇ ଅନିଶ୍ଚିତତା

ମହାକାଳପଡ଼ା, ୮।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ରାଜସ୍ଥାନ ଖଣ୍ଡୋଲାଇଟ, ଖିଚିଂ ମୁଗୁନିପଥରରେ ନିର୍ମିତ ପ୍ରସ୍ତାବ ରହିଛି
- ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ବ୍ୟୟବରାଦ ୬ କୋଟି

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ରାମନଗର ମୌଜାରେ ପ୍ରମୁଖ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିର ରହିଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମନ୍ଦିରକୁ ସୁଉଚ୍ଚ ଭବ୍ୟ ନୂତନ ମନ୍ଦିର ନିର୍ମାଣ ପାଇଁ ୨୦୨୩ରେ ପୂର୍ବ ସରକାର ୬ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଏବେ ନୂତନ ମନ୍ଦିର ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଛି। ସରକାର ବଦଳିବା ପରେ କେବଳ ମନ୍ଦିର ଚତୁଃପାର୍ଶ୍ୱର ନବୀକରଣରେ ୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ସେହିପରି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ହେଲେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟବରାଦ ରହିଛି। ସେହିପରି ରାଜସ୍ଥାନର ଖଣ୍ଡୋଲାଇଟ୍ ପଥର ଓ ମୟୂରଭଞ୍ଜ ଜିଲା ଖିଚିଂର ମୁଗୁନି ପଥରରେ ଖୋଦିତ ଲାଖଅଠା ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ମନ୍ଦିର ନିର୍ମିତ ହେବ ବୋଲି ଏଷ୍ଟିମେଟ୍ ରହିଛି। ହେଲେ ଏପର୍ଯ୍ୟନ୍ତ ଭବ୍ୟ ମନ୍ଦିର ନିର୍ମାଣ ହେଉ ନ ଥିବାରୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଶ୍ରଦ୍ଧାଳୁମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ମାସେ ପରେ ମା'ଙ୍କ ମୁଖ୍ୟ ପର୍ବ ବୈଶାଖ ମାସ ପଣା ସଂକ୍ରାନ୍ତି ଝାମୁଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ କୁହାଯାଇଛି। ମନ୍ଦିର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ଏଣ୍ଡାଓମେଣ୍ଟ କମିଟି ଗଠନ କରାଯାଇଥିଲା। ଏହାର ଅବଧି ସରି ଯାଇଥିବା ବେଳେ ନୂଆ କମିଟି ଗଠନ କରିବାରେ ଆନ୍ତରିକତା ଅଭାବ ଯୋଗୁ ଘୁଞ୍ଚୁ ଘୁଞ୍ଚୁ ଚାଲିଛି। ଅଦ୍ୟାବଧି ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ଭାବେ ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ନୂଆ ମନ୍ଦିର ନିର୍ମାଣ ସମ୍ପର୍କରେ ତହସିଲଦାର ଆଚାର୍ଯ୍ୟଙ୍କୁ ପଚାରିବାରେ ନୂଆ କରି ଆସିଛି, ଏ ସମ୍ପର୍କରେ ଜାଣିନାହିଁ ବୋଲି କହିଥିଲେ।



ମା' ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା।

ସୂଚନାଯୋଗ୍ୟ, ମା' ରାମଚଣ୍ଡୀ ମନ୍ଦିର ୧୭୩୭ ମସିହାରେ କୁଜଙ୍ଗ ଷଣ୍ଢ ବଂଶୀୟ ରାଜା ନିର୍ମାଣ କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ସେବେଠାରୁ ଦୋଳ ମେଳଣରେ ମା' ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ଦୋଳ ବିମାନ କୁଜଙ୍ଗ ରାଜାଙ୍କ ଅଧିଷ୍ଠାତ୍ରୀ ଦେବୀ ରୂପେ ଅଗ୍ରଜ ଭାବରେ ପୂଜା ପାଉଛନ୍ତି। ମା'ଙ୍କ ମନ୍ଦିରରେ ମୁଖ୍ୟ ଭୋଗ ଆମିଷ ଅର୍ପଣ କରିବା ବିଧି ରହିଛି। ଦିନଥିଲା ମା'ଙ୍କ ମନ୍ଦିରରେ ବଳି ଦେବାର ପ୍ରଥା ଥିଲା। ଆଇନ ଅନୁସାରେ ପ୍ରଶାସନ ପକ୍ଷରୁ ବଳି ପ୍ରଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ମନ୍ଦିର ପରିଚାଳନା ପାଇଁ ୨ ଶହ ଏକର ଜମି ଖଞ୍ଜାଯାଇଛି। ମା'ଙ୍କ ସେବକ, ସେବାୟତ, ହୁରିଆ କୀର୍ତ୍ତନ ମଣ୍ଡଳୀ, ବାରିକ, ଘାତକ (ଲୋଧା ସମ୍ପ୍ରଦାୟ), ପୁଷ୍ପାଳକ, ଟହଲିଆ, ଘଣ୍ଟୁଆ, ପାଟୁଆ, ରାଉଳ ଆଦିଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମା' ଙ୍କ ମୁଖ୍ୟ ପର୍ବ ବୈଶାଖ ମାସ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ହୋଇଥାଏ।

# ଜିଲାରେ ୩, ୮୨,୦୮୨ ମହିଳାଙ୍କୁ ସୁଭଦ୍ରା କିସ୍ତି



ପ୍ରତିଭା ପ୍ରଦର୍ଶିତ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରାପଡ଼ା, ୮।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସହର ନିକଟ ଉଦୟନଗରସ୍ଥ ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ଅବସରରେ ସୁଭଦ୍ରା ଯୋଜନାରେ ସାମିଲ ଥିବା ଜିଲାର ୩ ଲକ୍ଷ ୮୨ ହଜାର ୮୨ ଜଣଙ୍କୁ ଚତୁର୍ଥ କିସ୍ତି ୫ ହଜାର ଟଙ୍କା ଦିଆଯାଇଥିବା ଘୋଷଣା କରାଯାଇଛି। ଏହି ସଭାରେ ମୁଖ୍ୟଅତିଥି ଜିଲାପାଳ ରଘୁରାମ ଆର. ଆୟାର ଯୋଗଦେଇ କହିଛନ୍ତି, ମାତୃ ଶକ୍ତିର ଉତ୍ଥାନ ଦ୍ୱାରା ସଶକ୍ତ ଦେଶ ଗଠନ ହୋଇପାରିବ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମହିଳାଙ୍କୁ ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନା ଓ ଆଇନ ପ୍ରଣୟନ କରିଛନ୍ତି। ଏହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚିବା ପାଇଁ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ତତ୍ପର ଅଛନ୍ତି। ଏହାସତ୍ତ୍ୱେ କୌଣସି ସମସ୍ୟା ଦେଖାଦେଲେ ସିଧାସଳଖ ଜିଲାପାଳଙ୍କୁ ଦେଖାକରିପାରିବେ। ଏହି ଅବସରରେ ସେ କହିଛନ୍ତି, ଜରାୟୁ ଗ୍ରୀବା କର୍କଟ ରୋଗର ପ୍ରତିରୋଧ ପାଇଁ କିଶୋରୀଙ୍କ ନିମନ୍ତେ ମାଗଣା ଟିକା ପ୍ରଦାନ କରାଯାଉଛି। ଏହାର ପ୍ରଚାର ପ୍ରସାର ଓ ସଚେତନତା ସୃଷ୍ଟି ପାଇଁ ଉପସ୍ଥିତ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ପୁରୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ହିତାଧିକାରୀଙ୍କୁ ଅର୍ପଣ କରିଥିଲେ। ଏହି ସଭାରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଏଡିଆଇପିଆରଓ ଅଶୋକ ବଳିଆର ସିଂହ ପ୍ରମୁଖ ସାମିଲ ହୋଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଚିହ୍ନିତ ମହିଳାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଭାରତରେ ମହିଳାଙ୍କ ସୁରକ୍ଷା ପାଇଁ କଡ଼ା ଆଇନ





ଆଇନ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅଙ୍ଗନୱାଡ଼ି, ଆଶା କର୍ମୀମାନେ।

ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)

## ପଟ୍ଟାମୁଣ୍ଡାଇ କୋର୍ଟରେ ଅନ୍ତର୍ଜାତୀୟ ମହିଳା ଦିବସ

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ ଅବସରରେ ରବିବାର ମହିଳାମାନଙ୍କୁ ସେମାନଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସଶକ୍ତୀକରଣ ବିଷୟରେ ସଚେତନ କରିବାକୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନସେବା ଅଧ୍ୟକ୍ଷ ଏଡିଜେ ବିଦ୍ୟାଧର ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ସଭାପତି ସିନିୟର ସିଭିଲ ଜଜ୍ ଅପୂର୍ବା ଚୌଧୁରୀ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍ଏଫ୍‌ସି ବିଦ୍ୟୁତଲତା ପ୍ରଧାନ ଯୋଗଦେଇ ମଣିଷ ଜାତିର ଅନ୍ୟତମ ପ୍ରମୁଖ ଅଙ୍ଗ ମହିଳା ହୋଇଥିବାବେଳେ ଦିନକୁଦିନ ମହିଳା ହିଂସା ବୃଦ୍ଧି ପାଉଛି। ପ୍ରତିଦିନ ନାବାଳିକା ଓ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର, ବଳାତ୍କାର, ନିର୍ଯ୍ୟାତନା ସଂକ୍ରାନ୍ତ ଖବର ଏହାର ପ୍ରମାଣ ପାଇଁ ଯଥେଷ୍ଟ। ନିଜର ଆତ୍ମରକ୍ଷା ପାଇଁ ମହିଳାମାନେ ନିଜେ ପ୍ରସ୍ତୁତ ହେବା ଜରୁରୀ। ଭାରତରେ ମହିଳାଙ୍କ ସୁରକ୍ଷା ଆଜି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ବେଳେ କଡ଼ା ଆଇନକାନୁନ ରହିଛି। ଏଥିସହ ବିଭିନ୍ନ ସମସ୍ୟା ତା'ର ଆଇନଗତ ସମାଧାନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ସରକାରୀ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓକିଲ ସଂଘ ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର କୁମାର ଦାଶ ଯୋଗଦେଇ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପୁରୁଷମାନଙ୍କ ସମକକ୍ଷ ହୋଇ ପାରିଛନ୍ତି ବୋଲି ମତ ପ୍ରକାଶ କରି ମହିଳାଙ୍କ ବିକାଶ ବିନା ଦେଶ ବିକାଶ ସ୍ୱପ୍ନ ଅଧୁରା ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ରିଟେନର ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ଶିଶିର କୁମାର ମାଲିକ, କୁମାର ସତ୍ୟରଞ୍ଜନ ନାୟକ, ଅପର୍ଣ୍ଣା ସାମଲ, ମୋହନ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ଅଙ୍ଗନୱାଡ଼ି, ଆଶା, ସ୍ୱାସ୍ଥ୍ୟ କର୍ମୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗଦେଇଥିଲେ।

## ଗାଳ୍ପିକ, ଚିତ୍ରଶିଳ୍ପୀ, ଅଧ୍ୟକ୍ଷ ଅତୁଲଙ୍କ ସ୍ମୃତି ଚାରଣ ସଭା

ରାଜନଗର, ୮।୩ (ଭାସ୍କର ରାଉତରାୟ)

ଅତୁଲ ବଳ ରାଜନଗରରେ ଜନ୍ମ ହୋଇ ନ ଥିଲେ। ମାତ୍ର ସେ ରାଜନଗରକୁ ବହୁତ ଭଲ ପାଉଥିଲେ। ରାଜନଗରରେ ତାଙ୍କର ଆତ୍ମା ଥିଲା। ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ତିଆରି କରିବା ଭଳି ନୀଳ ନକ୍ସା ଅତୁଲ ଭାଇ ତିଆରି କରୁଥିଲେ ବୋଲି ରବିବାର ପ୍ରେସ ପରିବାର ପକ୍ଷରୁ ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଗାଳ୍ପିକ,, ଚିତ୍ରଶିଳ୍ପୀ, ପୂର୍ବତନ ଅଧ୍ୟକ୍ଷ ଅତୁଲ ବଳଙ୍କ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପ୍ରେସ ପରିବାରର ସଭାପତି ଭାସ୍କର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ, ଜିଏସ୍‌ଟି କମିଶନର ଡ. ପଦ୍ମଲୋଚନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ସାହିତ୍ୟ ଘରର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ପ୍ରଫେସର ସତ୍ୟବାଦୀ ଜେନା, ଗାଳ୍ପିକ ପ୍ରଦୀପ ନାୟକ, ବନଫୁଲର ସମ୍ପାଦକ କବି ପବିତ୍ର ବ୍ରହ୍ମପୁତ୍ର ନାୟକ, କବି ଅଭିରାମ ସାହୁ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ, ସରପଞ୍ଚ ଅଶୋକ କୁମାର ମହାନ୍ତି, ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅନୁସୂୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ସେ କେବଳ ରାଜନଗର କି ଆଳିର ସମ୍ପତ୍ତି ନ ଥିଲେ ସେ ସମଗ୍ର ଓଡ଼ିଶାର ଥିଲେ। ଭିତରକନିକାକୁ ବହୁତ ଭଲ ପାଉଥିଲେ। ସାତଭାୟାର ଯନ୍ତ୍ରଣାକୁ ସେ ମର୍ମେ ମର୍ମେ ବୁଝିଥିଲେ। ଅତୁଲ ସାର ଯୁଆଡେ ଯାଉଥିଲେ ସାଥିରେ ସାତଭାୟା, ଭିତରକନିକାକୁ ନେଇ କରି ଯାଉଥିଲେ। ଖବରଦାତା ତାପସ କୁମାର ପରିଡା ସ୍ୱାଗତ ଭାଷଣ, ଦୋଳ ଗୋବିନ୍ଦ ଜେନା ଅତିଥି ପରିଚୟ, ଜଗନ୍ନାଥ ଦାସ ଧନ୍ୟବାଦ ଦେଇଥିଲେ। ଆରମ୍ଭରେ ସାରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ନାନୀ ଗୋସେଇଁ ମେଳଣ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆସ୍ଥିତ ନାନୀ ଗୋସେଇଁ ମେଳଣ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମେଳଣ ମହୋତ୍ସବର ନେତୃତ୍ୱ ନେଉଥିବା ମଠାଧୀଶ ମହନ୍ତ ପ୍ରଫୁଲ୍ଲ ପଣ୍ଡା ଏ ସମ୍ପର୍କରେ କହିଛନ୍ତି, ସନାତନ ସଂସ୍କୃତିରେ ଏହି ପାରମ୍ପରିକ ଧାରା ଦୀର୍ଘ ୧୨୮ ବର୍ଷ ଧରି ଚାଲିଆସିଛି। ଗ୍ରାମବାସୀ ଓ ମଠର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ମହୋତ୍ସବରେ ଆଧ୍ୟାତ୍ମ୍ୟ କାର୍ଯ୍ୟକ୍ରମ ପ୍ରତିବର୍ଷ ହୋଇଥାଏ। ଚଳିତବର୍ଷ ୨୦ରୁ ଉର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ମେଳଣ ପଡିଆରେ ସମ୍ମିଳିତ ହୋଇଥିଲେ। ଏଥିରେ ବାଣ ରୋଶଣି ସହ ବିମାନ ଆସୁଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂର୍ବ ରାତିରେ ଏହି ମେଳଣ ଆରମ୍ଭ ହେଉଥିବା ବେଳେ ପ୍ରତିବର୍ଷ ପରି ଆଧ୍ୟାତ୍ମ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଫାଣ୍ଡିଅଧିକାରୀ ନୃସିଂହ ଚରଣ ମହାନ୍ତି, ଶିକ୍ଷାବିତ୍ ଅଶୋକ ନାୟକ, ଆଶୁକବି ନୃସିଂହ ରାଉତ, ଆରୋଶିଷ ରାଉତ, ବିଦ୍ୟୁତ୍ କର୍ମଚାରୀ ପୁରୁଷୋତ୍ତମ ତରାଇ ପ୍ରମୁଖଙ୍କୁ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, କମିଟି କର୍ମକର୍ତ୍ତା ଦିଲୀପ ବିଶ୍ୱାଳ, କିଶୋର ଚନ୍ଦ୍ର ରାଉତ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ ବୋଲି ମହନ୍ତ ପଣ୍ଡା ସୂଚନା ଦେଇଛନ୍ତି।

# ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ

ଡେରାବିଶ, ୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଡେରାବିଶ ମିନି ଷ୍ଟାଡିୟମଠାରେ ରବିବାର ଅସ୍ମିତା ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ, କେନ୍ଦ୍ରାପଡ଼ା ପ୍ରଶାସନ ଅଧୀନ ଜିଲା କ୍ରୀଡା ବିଭାଗ, କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ମାଇଁ ଭାରତର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଉଦ୍‌ଘାଟନ କରିଥିଲେ। ଜିଲା ଅଧୀନ ବିଭିନ୍ନ ଅଞ୍ଚଳରୁ ଛାତ୍ରୀ, ମହିଳା ଏଥିରେ ଯୋଗଦେଇଥିଲେ। ପ୍ରାରମ୍ଭରେ ବହୁସଂଖ୍ୟାରେ ଛାତ୍ରୀମାନେ ଶୋଭାଯାତ୍ରାରେ ନିକଟସ୍ଥ ବଜାର, ଗ୍ରାମ ପରିକ୍ରମା କରି ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ପରେ ଛାତ୍ରୀମାନେ ଡେରାବିଶ ମିନି ଷ୍ଟାଡିୟମରେ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଟିଙ୍କିଲି କୁମାରୀ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟାର ଯୋଗଦେଇଥିଲେ। ଏଥିରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ମାଇଁ ଭାରତର ଜିଲା ଅଧିକାରୀ ଗୋଲି ତିରୁପତି ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଗିତାଞ୍ଜଳୀସାହୁ, ଦିବ୍ୟାରାଣୀମହାଲିକ, ସୁଶ୍ରୀ ସଙ୍ଗୀତା ଜେନା, କ୍ରୀଡା ଶିକ୍ଷକ ବାନାମ୍ବର ଜେନା, ଓ ମୁନା ମଲ୍ଲିକ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାର ପରିଚାଳନା କରିଥିଲେ।





ମହିଳା ଦିବସରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଗାଁରେ ନିଆରା ଢଙ୍ଗରେ ହୋଲି ଉତ୍ସବ

ଡେରାବିଶ, ୮।୩ (ବେବର୍ତ୍ତା ଅଜୟ ଦାସ)

ପବିତ୍ର ପଞ୍ଚୁଦୋଳ ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମବାସୀ ରବିବାର ନିଆରା ଢଙ୍ଗରେ ହୋଲି ପର୍ବ ପାଳନ କରିଛନ୍ତି। ଗ୍ରାମର ସାମାଜିକ କର୍ମୀ ଅଭିମନ୍ୟୁ ରାଉତଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ ଗ୍ରାମର ଶତାଧିକ ଯୁବତୀ ଯୁବକ ପୂର୍ବାହ୍ନରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ପରିକ୍ରମା କରି ପରିବେଶ ସୁରକ୍ଷା, ସୁରକ୍ଷିତ ହୋଲି ଖେଳ ଓ ଭାଇଚାରାକୁ ସୁଦୃଢ଼ର ବାର୍ତ୍ତା ଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ। ପରେ ଗ୍ରାମସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗଛ ଉପରେ ଟଙ୍ଗା ଯାଇଥିବା ଦଧିହାଣ୍ଡି ଓ ରଙ୍ଗ କଳସ ଭାଙ୍ଗି ହୋଲି ଖେଳିଥିଲେ। ଆବାହକ ସଞ୍ଜିବ କୁମାର ନାୟକ, ସୋମ୍ୟରଞ୍ଜନ ରାଉତ, ସ୍ମୃତିରଞ୍ଜନ ରାଉତ, ସୁକଦେବ ସାହୁ, ସଞ୍ଜିତ ଦାସ, ସତ୍ୟରଞ୍ଜନ ରାଉତ, ଆଶିଷ ମହାନ୍ତି, ସହଦେବ ସାହୁ, ଜ୍ଞାନରଞ୍ଜନ ଦାସ ଓ ରାଜୀବ ରାଉତ ପ୍ରମୁଖ ଏହି ହୋଲି ଖେଳ ଉତ୍ସବ ପରିଚାଳନା କରିଥିଲେ। ପରିବେଶବିତ କାଶୀନାଥ ରାଉତ, ସ୍ୱେଚ୍ଛାସେବୀ ଲକ୍ଷ୍ମୀକାନ୍ତ ଜେନା, ପ୍ରମୋଦ ମହାରଣା, ଗୌତମ ସାହୁ, ମମତା ରଉତ, ସଂଯୁକ୍ତା ସାମଲ, କଳ୍ପନା ରାଉତ, ସରିତା ବାରିକ ଓ ଲକ୍ଷ୍ମୀପ୍ରିୟା ରାଉତ ପ୍ରମୁଖ ସହଯୋଗ କରିଥିଲେ।



ହୋଲିରେ ଏକାଠି ହୋଇଥିବା ଯୁବତୀଯୁବକମାନେ।।

# ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ଦାବି

ପଟ୍ଟାମୁଣ୍ଡାଇ, ୮।୩ (କଳ୍ପତରୁ ନାୟକ)

- କେନ୍ଦ୍ରାପଡ଼ାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା
- ଜନମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

କେନ୍ଦ୍ରାପଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ହୋଇଛି। ଯାହା ଅଞ୍ଚଳର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ହେବ ବୋଲି ଶନିବାର କେନ୍ଦ୍ରାପଡ଼ା ଜିଲାର ଅଗ୍ରଣୀ ସଙ୍ଗଠନ ଜନମଞ୍ଚ ପକ୍ଷରୁ ପଟ୍ଟାମୁଣ୍ଡାଇରେ ଏକ ବୈଠକରେ ସଭ୍ୟମାନେ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଜନମଞ୍ଚ ପକ୍ଷରୁ ଦୀର୍ଘଦିନର ଦାବିକୁ ଘୋଷଣା ଓ କାର୍ଯ୍ୟକାରୀ କରିବାକୁ ସଭ୍ୟମାନେ ନିବେଦନ କରିଛନ୍ତି। ଆଗାମୀ ଶିକ୍ଷାବର୍ଷରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରାଇବାକୁ ସଭାରେ ଦାବି କରାଯାଇଛି।

ପଟ୍ଟାମୁଣ୍ଡାଇ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜନମଞ୍ଚର ବରିଷ୍ଠ ସଭ୍ୟ ପ୍ରଦୀପ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗଠନର ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ଆଲୋଚନାରେ ଯୋଗଦେଇଥିଲେ। ସମ୍ପ୍ରତି ଆମେରିକା ଇରାନ ଉପରେ ଆକ୍ରମଣ କରିବା ସହିତ ତାଙ୍କର ସେନାମୁଖ୍ୟଙ୍କୁ ହତ୍ୟା କରିବା, ଏହା ପୂର୍ବରୁ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ଦମ୍ପତିଙ୍କୁ ବନ୍ଦୀ କରିନେବା, ପରେ କ୍ୟୁବା ଉପରେ ଆକ୍ରମଣ କରିବାକୁ ହୁଙ୍କାର ଦେବା ଓ ରୁଷରୁ ତେଲ କିଣିବାକୁ ଔଦ୍ଧତ୍ୟମୂଳକ ଭାବେ ଏକ ମାସ ସମୟସୀମା ଦେବା ଭଳି ଘଟଣାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା। ଜାତିସଂଘ ତଥା ପୃଥିବୀର ଜନମତ ଏହି ଆହ୍ୱାନକୁ ସମ୍ମୁଖୀନ ହୋଇ ଦୃଢତାର ସହ ଠିଆ ହେବାକୁ ସଭାରେ ଆଲୋଚନା ହୋଇଥିଲା। ଏଥିରେ ସର୍ବେଶ୍ୱର ବାରିକ, ଅଭିମନ୍ୟୁ ମଲ୍ଲିକ, ସର୍ବେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରବୀନ୍ଦ୍ର କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ପନିପରିବା ଚାଷ ରଞ୍ଜିତାଙ୍କୁ କରିଛି ସ୍ୱାବଲମ୍ବୀ

ରାଜକନିକା,୮।୩(ସଞ୍ଜୟ କୁମାର ଦାଶ)

ରୋଜଗାରିଆ ପାତ୍ରଙ୍କୁ ବିବାହ କରିବାର ଦିନ କେଇଟା ପରେ ସ୍ୱାମୀ ରୋଜଗାର ହରାଇଥିଲେ। ମୁଣ୍ଡର ଓଢ଼ଣି ଅଣ୍ଟାରେ ଖୋସି ସ୍ୱାମୀଙ୍କ ହାତ ସହ ହାତ ମିଳାଇ ଟାଣ କଲେ। ନିଜ ଜମିରେ ପନିପରିବା ଚାଷକରି ପରିବାର ପ୍ରତିପୋଷଣ ପାଇଁ ଅଣ୍ଟା ଭିଡ଼ିଲେ। ଘର ପାଖ ଚାଷଜମିରେ ସୁନା ଫସଲ କରି ସ୍ୱାବଲମ୍ବୀ ହେଲେ। ସେବେଠାରୁ ପଛକୁ ଫେରି ଚାହିନାହାନ୍ତି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ନମତରା ଗାଁର ମନୋରଞ୍ଜନ ରାଉତଙ୍କ ସହଧର୍ମିଣୀ ମହିଳା ଚାଷୀ ଭାବେ ପରିଚିତ ରଞ୍ଜିତା ରାଉତ।

ନିଜ ଗାଁ ପାଖ ଜମିରେ ଋତୁକାଳୀନ ପନିପରିବା ଚାଷକରି ପରିବାର ପ୍ରତିପୋଷଣ ସହ ପିଲାମାନଙ୍କୁ ପାଠପଢ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ଉଠାଉଛନ୍ତି। ସଜ ପନିପରିବା କିଣିବାକୁ ବର୍ଷ ତମାମ ବିଲ ମୁଣ୍ଡରେ ଖାଉଟିଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ରଞ୍ଜିତାଙ୍କର ବିଲ ପାଖରୁ ହିଁ ସମସ୍ତ ପନିପରିବା ସରିଯାଏ। ରଞ୍ଜିତାଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ଅନ୍ୟ ମହିଳାଙ୍କ ପାଇଁ ଯେତିକି ଉତ୍ସାହ ସେତିକି ରୋଚକ। ନିଜେ ବର୍ଷାଦିନ ହେଉ ବା ହାଡ଼ଭଙ୍ଗା ଶୀତ ଅଥବା ଖରାଦିନ ସବୁ ଋତୁରେ ରଞ୍ଜିତା କ୍ଷେତକୁ ଯାଆନ୍ତି। ପୁରୁଷ ଚାଷୀଙ୍କ ପରି କୋଡ଼ି, କୋଦାଳ, ଫାଉଡା, କାଙ୍କ ଧରି ମାଟି ହାଣିବା, ପାଣି ଯୋଗାଇବା ଆଦି ନିଜେ କରିଥାନ୍ତି। ଫସଲରେ ଆବଶ୍ୟକ ଅନୁଯାୟୀ ନିଜେ କୀଟନାଶକ, ସାର ଔଷଧ ଦେଇଥାଆନ୍ତି। ରାସ୍ତା ପାଖ ଜମି ହୋଇଥିବାରୁ ରଞ୍ଜିତାଙ୍କ କାର୍ଯ୍ୟଦକ୍ଷତା ପାଇଁ ଘଡ଼ିଏ ଲୋକେ ଠିଆ ହୋଇ ତାଙ୍କ କାର୍ଯ୍ୟ ପ୍ରଣାଳୀକୁ ଦେଖିଥାନ୍ତି।

ରଞ୍ଜିତାଙ୍କର ଜୀବନ କାହାଣୀ ଯେତିକି ଯନ୍ତ୍ରଣାଦାୟକ ସେତିକି ପ୍ରେରଣାଦାୟୀ। ଚାକିରିଆ ବର ଦେଖି ଘର ଲୋକେ ରଞ୍ଜିତାଙ୍କୁ ବିବାହ ଦେଇଥିଲେ। ବିବାହ ପରେ ବେଶ୍ ହସଖୁସିରେ ସ୍ୱାମୀ ଚାକିରି କରିଥିବା ସ୍ଥାନରେ ଚଳି ଆସୁଥିଲେ। ଏହାରି ମଧ୍ୟରେ ସେମାନଙ୍କ ୨ ଝିଅ ଜନ୍ମ ନେଇ ସାରିଥିଲେ। ବେଶ୍ ହସଖୁସିରେ ଚଳୁଥିବା ସଂସାର ମଧ୍ୟକୁ ମାଡି ଆସିଲା କଳା ବାଦଲ। ହଠାତ କୌଣସି କାରଣରୁ ସ୍ୱାମୀ ଚାକିରି ହରାଇ ବସିଲେ। ପରିବାର ଚଳାଇବା ମନୋରଞ୍ଜନଙ୍କ ପକ୍ଷେ କଷ୍ଟକର ହୋଇପଡିଲା। ଗାଁକୁ ଫେରି ଅଭାବ ଅନଟନକୁ ସାମ୍ନା କରି ଭାଙ୍ଗି ପଡ଼ିଲେ। ବ୍ୟାଙ୍କରୁ ଋଣ କରି ଧାନକୁଟା ଓ ଅଟା ପେଷା ମେଶିନ ପକାଇଲେ। ଏଥିରେ ରଞ୍ଜିତା ସମ୍ପୂର୍ଣ୍ଣ ଭାବେ ସ୍ୱାମୀଙ୍କୁ ସହଯୋଗ କଲେ ଏବଂ ପରିବାର କଷ୍ଟେମଷ୍ଟେ ଚଳୁଥିଲା। ଏପରି କିଛିଦିନ ଚାଲିବା ପରେ ଏହି ବ୍ୟବସାୟ ସେମିତି ହେଲାନି। ଚିନ୍ତାରେ ସ୍ୱାମୀସ୍ତ୍ରୀ ଦୁହେଁ ଥିଲେ। ରଞ୍ଜିତା ଉପାୟ ପାଞ୍ଚି ସ୍ୱାମୀଙ୍କ ସହମତିରେ ଟଟକା ପନିପରିବା ଚାଷ ପାଇଁ ଅଣ୍ଟା ଭିଡ଼ିଲେ। ସେବେଠୁ ପରିବାର ପ୍ରତିପୋଷଣ ପାଇଁ ପନିପରିବା ଚାଷକୁ ପେସା ଭାବେ ଆପଣାଇ ନେଲେ ରଞ୍ଜିତା। ସେ ଋତୁକାଳୀନ ପନିପରିବା ଚାଷ କରି ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଏମିତିକି ବିଗତ ୨ବର୍ଷ ପୂର୍ବେ ତାଙ୍କ କ୍ଷେତରେ ଫଳିଥିବା ୧୧ ଫୁଟ୍ ଲମ୍ବର ଛଚିନ୍ଦ୍ରା ଫଳାଇ ସେ ଜିଲାରେ ମହିଳା ଚାଷୀ ଭାବେ ସମ୍ପୂର୍ଣ୍ଣା ଓ ସ୍ୱାବଲମ୍ବୀ ଚାଷୀ ଭାବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲେ। ଏବେ ଏହି ପନିପରିବା ଚାଷ ହିଁ ପରିବାରର ମୁଖ୍ୟ ରୋଜଗାର ବୋଲି ରଞ୍ଜିତା କହିଛନ୍ତି। ଏହି ପନି ପରିବା ଚାଷ କରି ୬ ପ୍ରାଣୀ କୁଟୁମ୍ବ ଚଳି ଯାଉଥିବା ସେ କହିଛନ୍ତି।



ରଞ୍ଜିତା ରାଉତ

## ସଂକ୍ଷେପରେ

### ବ୍ୟାଘ୍ରଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ, ୮।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଗଡର ଇଷ୍ଟଦେବୀ ମା' କୋଠରୀ ମନ୍ଦିର ପରିସରରେ ଥିବା ମା'ବ୍ୟାଘ୍ରଦେବୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଛି। ଶନିବାର କଳସ ଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ହୋମଯଜ୍ଞ ଓ ରବିବାର ସାଲା ପୂଜା, ଦିକ୍ଷା ଗ୍ରହଣ, ସୂର୍ଯ୍ୟପୂଜା, ବନଜାଗ ପରେ ସାଲାସଂସ୍କାର, ମହାସ୍ନାନ ବ୍ରାହ୍ମଣମାନଙ୍କ ସହ ମା'ବ୍ୟାଘ୍ରଦେବୀ ପଟୁଆରେ ନଗର ପରିକ୍ରମା କରିବା ପରେ ସିଂହାସନ ଆରୋହଣ କାର୍ଯ୍ୟ ଶେଷ ହୋଇଥିଲା। ଶେଷରେ ରାଜଜେମା ଶାନ୍ତିପ୍ରିୟା ଗୀତାଞ୍ଜଳି ପୂର୍ଣ୍ଣାହୂତି ଦେଇଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଏଥିରେ ସହଯୋଗ କରିଥିବା ବେଳେ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ, ସନ୍ତୋଷ ମିଶ୍ର, ହେମନ୍ତ ଶତପଥୀ, ଭଗବାନ ତ୍ରିପାଠୀ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ।

### ବଡ଼ ନଦୀରେ ପଡ଼ି ମହିଳା ମୃତ

ଆସିକା,୮।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ସିଦ୍ଧନୟୀ ପଞ୍ଚାୟତ ମହାରାଜପୁର ଗ୍ରାମ ଉପକଣ୍ଠ ବଡନଦୀରେ ମୁହଁମାଡି ପଡିଯାଇ ପାଣିରେ ଅଣନିଃଶ୍ୱାସୀ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସରସ୍ୱତୀ ନାୟକ (୬୨) । ସରସ୍ୱତୀ ରବିବାର ଅପରାହ୍ନ ପ୍ରାୟ ୩ଟାରେ ବଡନଦୀକୁ ଶୌଚ ପାଇଁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବାରୁ ସେ ନଦୀ ପାଣିରେ ପଡିଥିବା ଦେଖିବାକୁ ପାଇଥିଲେ। ମୁମୂର୍ଷୁ ଅବସ୍ଥାରେ ସରସ୍ୱତୀଙ୍କୁ ଉଦ୍ଧାର କରି ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଆଇଆଇସି ସୁଧୀର ସାହୁଙ୍କୁ ପଚାରିବାରୁ ସେ କହିଲେ, ରାତି ୮ଟା ସୁଦ୍ଧା କେହି ଥାନାରେ ଅଭିଯୋଗ କରିନାହାନ୍ତି। ଅଭିଯୋଗ ହେଲେ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ।

### ପୂର୍ବ ସୈନିକ ସେବା ପରିଷଦର ବୈଠକ

କବିସୂର୍ଯ୍ୟନଗର,୮।୩(କୃପାସିନ୍ଧୁ ସ୍ୱାଇଁ)

ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦ ଜାତୀୟ ପରିଚାଳନା କମିଟି ବୈଠକ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟ ସଭାପତି କର୍ଣ୍ଣେଲ ରାମବାବୁ (ଅବସରପ୍ରାପ୍ତ) ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାରୁ ଜାତୀୟ ସମ୍ପାଦକ କର୍ଣ୍ଣେଲ ପ୍ରଭାତ ପଣ୍ଡା, କର୍ଣ୍ଣେଲ ଶିଶିର କୁମାର ଘୋଷ, ସଭାପତି ଓଡ଼ିଶା ପଶ୍ଚିମ ପ୍ରାନ୍ତ, ସମ୍ବଲପୁରରୁ ସୁବେଦାର ମେଜର ଶିବ ନାରାୟଣ ବେହେରା ଏବଂ ଗଞ୍ଜାମ ଜିଲାର କବିସୂର୍ଯ୍ୟ ନଗରରୁ ସୁବେଦାର (ଡକ୍ଟର) କଂଗ୍ରେସ ପ୍ରଧାନ ବୈଠକରେ ଯୋଗ ଦେଇଥିଲେ। ଜାତୀୟ ସଭାପତି ଲେଫ୍ଟନାଣ୍ଟ ଜେନେରାଲ ଚତୁର୍ବେଦୀଙ୍କ ଉଦ୍‌ଘାଟନୀ ଭାଷଣ ପରେ ଦେଶର ସମସ୍ତ ରାଜ୍ୟ ସଭାପତି, ସଚିବମାନେ ସେମାନଙ୍କ ରାଜ୍ୟରେ ଚାଲିଥିବା କାର୍ଯ୍ୟକଳାପ ବିଷୟରେ କହିଥିଲେ। କବିସୂର୍ଯ୍ୟ ନଗରରେ ଏକ ହସ୍ପିଟାଲ ପ୍ରତିଷ୍ଠା କରିବାରେ ସୁବେଦାର କଂଗ୍ରେସ ପ୍ରଧାନଙ୍କ ଅବଦାନ ଏବଂ ସ୍ଥାନୀୟ ଯୁବକମାନଙ୍କୁ ପ୍ରତିରକ୍ଷା ବାହିନୀରେ ଭର୍ତ୍ତି ପାଇଁ ତାଲିମ ପ୍ରଦାନ କରିବାରେ ସୁବେଦାର ମେଜର ଶିବ ନାରାୟଣ ବେହେରାଙ୍କ ଅବଦାନକୁ ସମସ୍ତେ ପ୍ରଶଂସା କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଗୋପାଳପୁର,୮।୩(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳର ଜଣେ ନାବାଳିକାକୁ ବଳାତ୍କାର ଉଦ୍ୟମ ଘଟଣାରେ ଗୋପାଳପୁର ଥାନା ପୋଲିସ ଅଭିଯୁକ୍ତ ସମ୍ପର୍କୀୟ ମଉସାଙ୍କୁ ରବିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ହିଞ୍ଜିଳି ଥାନା ଅଧିନସ୍ଥ ପୋଟିଲିମାର ମୋହନ ନାୟକ (୨୮)। ଥାନାଧିକାରୀ ସତ୍ୟ ରଞ୍ଜନ ଲେଙ୍କାଙ୍କ ସୂଚନା ଅନୁଯାୟୀ, ଗୋପାଳପୁର ଥାନା ଅଞ୍ଚଳରେ ଦେଢ଼ ଶାଶୁଙ୍କ ଘରକୁ ଗତ ୨୮ ତାରିଖରେ ମୋହନ କୌଣସି କାମରେ ଆସିଥିଲେ। ନାବାଳିକା ଝିଅରୀଙ୍କୁ ବୁଲାଇ ନେବା ପାଇଁ କହିବାରୁ ସେ ମନା କରି ଦେଇଥିଲେ। ମୋହନ ତାଙ୍କୁ ବଳପୂର୍ବକ ଏକ ନିର୍ଜନ ସ୍ଥାନକୁ ନେଉଥିବା ବେଳେ ନାବାଳିକା ଜଣକ ଖସି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ନାବାଳିକାଙ୍କ ମା' ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୨୯/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ବଉଳଖୋଳି ଗ୍ରାମରେ ମୋହନ ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ୨୯ରେ ଟିକାବାଲିରେ ଜିଜିପିର ରାଜ୍ୟସ୍ତରୀୟ ସମ୍ମିଳନୀ

ଭଞ୍ଜନଗର,୮।୩(ବାବୁଲା ପ୍ରଧାନ)



ଉପସ୍ଥିତ ଅତିଥିମାନେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ୧ ଏବଂ ଘୁମୁସର ଗବେଷଣା ପ୍ରତିଷ୍ଠାନ(ଜିଜିପି) ପକ୍ଷରୁ ମିଳିତ ଭାବେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଘୁମୁସର ଗବେଷଣା ପ୍ରତିଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟ ଅଧ୍ୟକ୍ଷତା କରିଥିଲେ। ମହିଳାମାନଙ୍କୁ ଆହୁରି ଆଗକୁ ବଢିବା ପାଇଁ ସୁଯୋଗ ଦେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭାସ ଦାସଙ୍କ ପରାମର୍ଶ କ୍ରମେ ଜାତୀୟ ସେବା ଯୋଜନା ଶାଖା ୧ ପକ୍ଷରୁ ଏହି ସଭା ମିଳିତ ଭାବେ ହୋଇଥିଲା। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶ୍ୟାମା ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ମିଶ୍ର, ଲୋକନାଥ ମହାନ୍ତି, ଡ. ଶିରିଶ କୁମାର ଷଡଙ୍ଗୀ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା, ନେତାଜୀ ବିଷୋୟୀ, ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ମିଶ୍ର, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବଟନି ବିଭାଗର ମୁଖ୍ୟ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ଜି ଉଦୟଗିରି କଲେଜର ବରିଷ୍ଠ ଅଧ୍ୟାପକ ବିନାୟକ ବିଶ୍ୱାଳ, ଶିକ୍ଷକ ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୋଜନା ଅଧିକାରୀ ବି. ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହା ପୂର୍ବରୁ ଘୁମୁସର ଗବେଷଣା ପ୍ରତିଷ୍ଠାନର ଆଗାମୀ ବାର୍ଷିକ ଅଧିବେଶନ ଉପରେ ଆଲୋଚନା ହୋଇଥିଲା। କର୍ମକର୍ତ୍ତା ମାନେ ଯୋଗଦେଇ ଜିଜିପିର ରାଜ୍ୟ ସ୍ତରୀୟ ବାର୍ଷିକ ଅଧିବେଶନ କନ୍ଧମାଳ ଜିଲା ଟିକାବାଲିଠାରେ ଆସନ୍ତା ୨୯ ତାରିଖରେ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ କନ୍ଧମାଳର ୨ ଜଣ ବିଦ୍ୱାନ ବ୍ୟକ୍ତିଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ପଞ୍ଚଦୋଳ ଯାତ୍ରାରେ ପାନୀୟ ଜଳ ଅଭାବ

ଗଞ୍ଜାମ,୮।୩(ବିଦ୍ୟାଧର ସାହୁ)

## ଆରଡବ୍ଲ୍ୟୁଏସ୍ଏସ୍ ବିଭାଗର ଅବହେଳା ଅଭିଯୋଗ

ଗଞ୍ଜାମ ଐତିହାସିକ ଦୋଳ ପୂର୍ଣ୍ଣମୀ ଯାତ୍ରା ପରେ ଆରମ୍ଭ ହୋଇଛି ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା। ବହୁ ପୁରାତନ ଏହି ଯାତ୍ରା ପ୍ରତିବର୍ଷ ଭଳି ହୁମ୍ମା ହାଟ ପଡିଆରେ ହୋଇଆସୁଛି। ଶନିବାର ସାହି ଯାତ୍ରା ହୋଇଥିଲା। ଏହି ପଡିଆକୁ ହୁମ୍ମା ଗ୍ରାମର ବିଭିନ୍ନ ସାହି ସହିତ କଣ୍ଟିଆଗଡ଼, ଖଟୁଆକୁଦା, ଝାଡ଼କୁଦା, କଳାଯମୁନା, ଲୁଂଘୁରି, ଗଡ଼ ହୁମା, ବେଲପଡା ଆଦି ଗ୍ରାମର ଠାକୁର ବିଜେ କରିବା ପରେ ଯାତ୍ରା ଆରମ୍ଭ ହେବ। ହଜାର ହଜାର ଲୋକଙ୍କ ସମାଗମ ହେବ। ତେବେ ଆରଡବ୍ଲୁଏସ୍ଏସ୍ ବିଭାଗର ବେପରୁଆ ନୀତି ଯୋଗୁ ଯାତ୍ରା ପଡିଆରେ କିମ୍ବା ବିଭିନ୍ନ ସାହିରେ ଏଯାବତ ବ୍ଲିଚିଂ ପାଉଡର ଟିକେ ପଡି ନ ଥିବା ହୁମ୍ମା ପଞ୍ଚାୟତ ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ଅଭିଯୋଗ କରିଛନ୍ତି। ସେହିପରି ପାନୀୟ ଜଳ ଯୋଗାଣରେ ମଧ୍ୟ ଉକ୍ତ ବିଭାଗ ଫେଲ ମାରିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯାତ୍ରା ପଡିଆରେ ଷ୍ଟାଣ୍ଡ ପାଇପ ଗୁଡିକରେ ମଧ୍ୟ ପାଣି ଆସୁନି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗର କନିଷ୍ଠ ଯନ୍ତ୍ରୀ ସପନ ପରିଡାଙ୍କୁ ପଚାରିବାରୁ ଯାତ୍ରା ପାଇଁ ୨୫ କେଜି ବ୍ଲିଚିଂ ଓ ୨୦୦୦ ଲିଟର ପାଣି ଟ୍ୟାଙ୍କ ଯୋଗାଇ ଦିଆଯାଇଥିବା କହିଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ବନ ବିଭାଗର ନିଷ୍କ୍ରିୟତା ପ୍ରତିବାଦରେ ରାସ୍ତାରୋକୋ



ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ଛତ୍ରପୁର,୮।୩(ଦିଲୀପ ସାମଲ)

## ମାଙ୍କଡ଼ କାମୁଡ଼ାରେ ଆହତ ହେଲେଣି ୨୦ରୁ ଊର୍ଦ୍ଧ୍ୱ

ଗଞ୍ଜାମ ଥାନା ଅଧିନ ବିରିପୁର ଅଞ୍ଚଳରେ ମାଙ୍କଡ଼ ପ୍ରାଦୁର୍ଭାବ ଅସହ୍ୟ ହେବାରୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କିଛିଦିନ ହେଲା ଏକ ମାଙ୍କଡ଼ ଛୋଟପିଲା, ମହିଳା ଓ ବୃଦ୍ଧଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ମାଙ୍କଡ଼ କାମୁଡ଼ାରେ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏ ନେଇ ବାରମ୍ବାର ବନ ବିଭାଗକୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ରବିବାର ଟାୟାର ଜାଳି ଦୀର୍ଘ ସମୟ ରାସ୍ତା ଅବରୋଧ କରିଛନ୍ତି। ଏଥିଯୋଗୁ ମାଧପୁର ଠାରୁ ଛତ୍ରପୁରକୁ ସଂଯୋଗ କରୁଥିବା ରାସ୍ତାରେ ଯାତାୟତ ବନ୍ଦ ହୋଇଥିଲା। ଖବରପାଇ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆନ୍ଦୋଳନସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାଙ୍କଡ଼ ଏବେ ଲୋକଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଉଛି। ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି। ବିଧାୟକ ତୁରନ୍ତ ଏ ସମ୍ପର୍କରେ ଡିଏଫଓଙ୍କୁ ଅବଗତ କରାଇଥିଲେ। ମାଙ୍କଡ଼କୁ ଧରିବା ଏକ ଟିମ ପହଞ୍ଚିବ ବୋଲି ଲୋକଙ୍କୁ କହିବା ପରେ ରାସ୍ତାରୋକୋ ହଟିଥିଲା। ଖବରପାଇ ଗଞ୍ଜାମ ପୋଲିସ ଓ ବନ କର୍ମଚାରୀ ଗ୍ରାମରେ ପହଞ୍ଚି ଥିଲେ। ବ୍ରହ୍ମପୁରରୁ ଏକ ଟିମ ଆସି ଉକ୍ତ ମାଙ୍କଡ଼କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅପରାହ୍ନ ସୁଦ୍ଧା ସଫଳ ହୋଇ ନ ଥିବା ସୂଚନା ମିଳିଛି।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଆସିକା,୮।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ତୁମ୍ବାଠେଙ୍ଗାପଲ୍ଲୀ ଗ୍ରାମରେ ଗତ ବୁଧବାରଠାରୁ ଚାଲିଥିବା ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଉଦଯାପିତ ହୋଇଛି। ୫ଦିନ ବ୍ୟାପି ହୋଇଥିବା ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞାଦି ହୋଇଥିଲା। ବିଭିନ୍ନ ଦିବସରେ ଜଳଯାତ୍ରା, ଦୀକ୍ଷାଗ୍ରହଣ, ଅଗ୍ନିସ୍ଥାପନ, ମଣ୍ଡଳାଦି ପୂଜନ, ଦେବତା ଅଧିବାସ, ମହାସ୍ନାନ, ଦେବତାଙ୍କ ନଗର ପରିକ୍ରମା, ସିଂହାସନ ଆରୋହଣ, ଧ୍ୱଜା ଭ୍ରମଣ ଓ ନଗର କୀର୍ତ୍ତନ ହୋଇଥିଲା । ଆଖପାଖ ଗ୍ରାମାଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମରେ ଠେଙ୍ଗାପଲ୍ଲୀ ଗ୍ରାମ ଉତ୍ସବ ମୁଖର ହୋଇଥିଲା । ଚଡିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ସନ୍ତୋଷ ନାହାକ, ସନ୍ତୋଷ ପୋଲାଇ, ମନୋଜ କୁମାର ଦୋରା, ଅନିମା ପରିଡା, ବିଜୟ ଦଳାଇଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ସୂଚନା ଅଧିକାର ଆଇନ ଉପରେ ସଚେତନତା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଫୁଲବାଣୀ,୮।୩(ରାକେଶ କୁମାର ରାଉତ)

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ ଉପରେ ଜିଲାସ୍ତରୀୟ ନାଗରିକ ସଚେତନତା ଓ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଅଧିକାର ଆଇନ ଜନସାଧାରଣଙ୍କୁ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ସୁନିଶ୍ଚିତ କରିବାରେ ସଶକ୍ତ କରିଥାଏ ବୋଲି କହିଥିଲେ। ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀମାନେ ଏହି ଆଇନ ସମ୍ପର୍କରେ ସଚେତନ ହୋଇ ନିଜ ଦାୟିତ୍ୱ ସଠିକ ଭାବେ ପାଳନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ସୂଚନା ଅଧିକାର ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଆରଟିଆଇର ଉଦ୍ଦେଶ୍ୟ, ନାଗରିକମାନଙ୍କୁ ମିଳୁଥିବା ଅଧିକାର ଓ ସରକାରୀ କାର୍ଯ୍ୟାଳୟମାନଙ୍କର କର୍ତ୍ତବ୍ୟ ସହିତ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପିଏ ଆଇଟିଡ଼ିଏ ଗଦାଧର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଦିବସରେ ପୁରସ୍କୃତ ହେଲେ ସିଡିପିଓ



ଅନ୍ତର୍ଜାତୀୟ ମହିଳା ଦିବସରେ ଜିଲା ପ୍ରଶାସନ ପକ୍ଷରୁ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କୁ ପୁରସ୍କୃତ କରାଯାଉଛି।

ଦାରିଙ୍ଗବାଡ଼ି, ୮।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସମ୍ବନ୍ୱିତ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟର ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ତାଙ୍କ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ପାଇଁ ଅନ୍ତର୍ଜାତୀୟ ମହିଳା ଦିବସରେ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ପୁରସ୍କାର ସେ ଅତିରିକ୍ତ ଜିଲାପାଳ କୁଶଳ ନାୟକଙ୍କ ଠାରୁ ଗ୍ରହଣ କରିଛନ୍ତି। ସେ ସରକାରଙ୍କ ବିଭିନ୍ନ ଯୋଜନା ଅଙ୍ଗନାୱାଡି କେନ୍ଦ୍ରରେ ଉତ୍ତମ ଭାବେ କାର୍ଯ୍ୟକାରୀ କରାଇବା ଶିଶୁଙ୍କ ପାଇଁ ଆସୁଥିବା ସମସ୍ତ ସୁବିଧାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ସହ ବାଲ୍ୟ ବିବାହ ଆଦି ରୋକିବାକୁ ପଦକ୍ଷେପ ନେଇଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଶାନ୍ତିଲତା ସାହୁ ପରିଚାଳନା କରିଥିବା ବେଳେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ସହଯୋଗ କରିଥିଲେ।

### ନାରୀ ପରମାତ୍ମାଙ୍କ ସକଳ ଶକ୍ତିର ଅଧିକାରୀ

ଆସିକା,୮।୩(ସୁରେନ୍ଦ୍ର ନାଥ ସାହୁ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ଶାନ୍ତିଶକ୍ତି ଭବନ ସଭା ଗୃହରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଭବନର ସଞ୍ଚାଳିକା ପ୍ରଭାତୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଙ୍ଗୀତା ସେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମହିଳା ଓ ଶିଶୁ ବିକାଶ ପରିଦର୍ଶିକା ଦିପ୍ତି ଧୋବା ଓ ରଞ୍ଜୁକ୍ତା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାରୀ ସର୍ବଦା ଶକ୍ତିର ପ୍ରତୀକ, ଅବଳା ଦୁର୍ବଳା ନୁହେଁ, ମାନସିକ ସ୍ତରରେ ସେ ପରମାତ୍ମାଙ୍କ ସକଳ ଶକ୍ତିର ଅଧିକାରୀ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ । ସଞ୍ଚାଳିକା ପ୍ରଭାତୀ ପରମପିତା ପରମାତ୍ମା ଶିବ ପିତାଙ୍କ ରାଜଯୋଗ ଆଧାରରେ ନାରୀ ନିଜର ଆତ୍ମିକ ଗୁଣ ଓ ଶକ୍ତିକୁ ଜାଗ୍ରତ କଲେ ନିଜେ ଶସକ୍ତ ହେବା ସହ ପରିବାର, ସମାଜ ତଥା ବିଶ୍ୱରେ ଶାନ୍ତି, କରୁଣା ଓ ସଦଭାବନାର ସନ୍ଦେଶ ପ୍ରସାର କରିବାରେ ସହାୟକ ହେବ ବୋଲି କହିଥିଲେ। ସୁଜ୍ଞାନୀ ପରିଚାଳନା କରିଥିଲେ।

# ଅମନଙ୍କୁ ତୁଳସୀ ଦେବୀ ସ୍ମୃତି ସମ୍ମାନ




ଅମନଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଜି.ଉଦୟଗିରି,୮।୩ (ଚିନ୍ମୟ କୁମାର ସେଠୀ)

ଫୁଲବାଣୀରେ ଶନିବାର ଆୟୋଜିତ ଷୋଡ଼ଶ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏକ ସାରସ୍ୱତ କାର୍ଯ୍ୟକ୍ରମରେ ଜି.ଉଦୟଗିରି ବ୍ଲକ୍ କଳିଙ୍ଗା ଗ୍ରାମର ଯୁବ ସାମାଜିକ କର୍ମୀ ଆମନ ଚନ୍ଦ୍ର ନାୟକଙ୍କୁ ତୁଳସୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ କନ୍ଧମାଳ ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅମନ ସହକର୍ମୀ ସାମଜିକ କର୍ମୀ ସମୀର ପାଢ଼ୀ, ଖବରଦାତା ବଟକୃଷ୍ଣ ଦାସ, ସହଯୋଗୀ ସାମନ୍ତ ଶେଖର ନାୟକ, ଖବରଦାତା ଚିନ୍ମୟ ସେଠୀ, ସମାଜିକ କର୍ମୀ ହୃଷୀକେଶ ପ୍ରଧାନ, ସସ୍ମିତା ମଲିକ, ସଞ୍ଜୀବ ଦିଗାଲଙ୍କ ସମେତ ନିଜ ପରିବାର ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଟ୍ରାକ୍ଟର ଧକ୍କାରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

କବିସୂର୍ଯ୍ୟନଗର, ୮।୩(କୃପାସିନ୍ଧୁ ସ୍ୱାଇଁ)



କବିସୂର୍ଯ୍ୟନଗର ପଥରାଠାରେ ରବିବାର ସକାଳେ ଏକ ନମ୍ବର ବିହୀନ ଟ୍ରାକ୍ଟର ଧକ୍କାରେ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ସାନଚଡିଆପଡା ଛକରେ ବାସ କରୁଥିବା ଦିବ୍ୟାଙ୍ଗ ମୁନା ଜେନା (୪୫)। ପୂର୍ବରୁ ମୁନାଙ୍କ ଦୁଇ ଗୋଡ଼ ଟ୍ରେନ ଦୁର୍ଘଟଣାରେ ଜଙ୍ଘଠାରୁ କଟିଯାଇଛି। ସେ ପଥରାଠାରେ ଟ୍ରାଇ ସାଇକେଲରେ ପରିବା ବିକ୍ରି କରୁଥିବା ବେଳେ କବିସୂର୍ଯ୍ୟନଗର ଆଡୁ ଏକ ନମ୍ବରବିହୀନ ଟ୍ରାକ୍ଟର ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ମୁନାଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ଗାଡିକୁ ରାସ୍ତାରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ । ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇ ଗାଡିମୋଟର ଚଳାଚଳ ସ୍ୱାଭାବିକ କରିଥିଲା। ଆମ୍ବୁଲାନ୍ସ ଯୋଗେ ମୁନାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ପଠାଯାଇଥିଲା । ତେବେ ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ମହିଳା ସଶକ୍ତ ହେଲେ ଦେଶ, ଗାଁ, ଘର, ସଶକ୍ତ ହେବ

ଦାରିଙ୍ଗବାଡ଼ି, ୮।୩ (ଅରୁଣ ସାହୁ)



ଅନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମହିଳାମାନେ କେବଳ ଘରର ଶକ୍ତି ନୁହଁନ୍ତି ସେମାନେ ସମାଜର ଶକ୍ତି। ସେମାନେ ସଶକ୍ତ ହେଲେ ଦେଶ, ଗାଁ, ଘର ସଶକ୍ତ ହେବ। ରବିବାର ସାରିଙ୍ଗିଇର୍ପି ଆମ୍ବ ବଗିଚାରେ ମହିଳା ଦିବସ ପାଳନ ଅବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଲିଗୁଡ଼ା ଉପଜିଲାପାଳ ପ୍ରଣିତା ଦାସ ଏଭଳି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଫୁଲବାଣୀ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ମୁଖ୍ୟବକ୍ତା ଭାବେ ତହସିଲଦାର ଧୀରଜ ପାତ୍ର, ସବ୍ ଇନ୍ସପେକ୍ଟର ବାସନ୍ତୀ ବେହେରା, ଏସ୍.କେ.ଆଇ ତରଫଦାର, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ଅନ୍ତରଙ୍ଗ ଯୁବ ମହାସଙ୍ଘର ଜିଲା ସଭାପତି ଦିଲୀପ କୁମାର ସାହୁ, ରାଇକିଆ ବ୍ଲକ୍ ରଣବା ପଞ୍ଚାୟତର ସରପଞ୍ଚ ବନୀତା ମଲିକ, ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ମଲିକ, ପର୍ଶମାହା ପଞ୍ଚାୟତର ସରପଞ୍ଚ ନବଜିନି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଜାଗୃତି ସମ୍ପାଦକ ଉକ୍ତ ବ୍ଲକ୍‌ର ଦାସିଙ୍ଗବାଡ଼ି ନିଶାମୁକ୍ତ ଅଞ୍ଚଳ ଘୋଷଣା ହେବା ସହ ସରକାର ଉକ୍ତ ପଞ୍ଚାୟତକୁ ସ୍ୱତନ୍ତ୍ର ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି ବୋଲି କହିଥିଲେ। ବିଭିନ୍ନ କାର୍ଯ୍ୟରେ କୃତିତ୍ୱ ହୋଇଥିବା ମହିଳାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ସବଇନ୍ସପେକ୍ଟର ବାସନ୍ତୀ ବେହେରା, ବାଲିଗୁଡା ଉପଜିଲାପାଳ, ମହିଳା ଚାଷୀ ବନିତା ସାହୁ, ଗଦଡି ବିଦ୍ୟାଳୟର ଆଦର୍ଶ ଶିକ୍ଷୟିତ୍ରୀ ରଜିତା ପ୍ରଧାନ, ଆଦର୍ଶ ଆଶାକର୍ମୀ ରଜନୀ ନାୟକ, ରାଇକିଆ ବ୍ଲକ ରଣବା ସରପଞ୍ଚ ବନିତା କୁମାରୀ ମଲିକ, ମହିଳା ମାଣ୍ଡିଆ ଚାଷୀ ପ୍ରଣୀତା ପ୍ରଧାନ,ମହିଳା ଉଦ୍ୟୋଗୀ ନୟାମି ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନ୍ତରଙ୍ଗ ଯୁବ ମହାସଙ୍ଘ ଏବଂ ନାରୀ ମହାସଙ୍ଘ ପକ୍ଷରୁ ଆୟୋଜନ କରାଯାଇଥିଲା।

# ରାଜ୍ୟର ମୁଣ୍ଡପିଛା ଆୟ ୧ ଲକ୍ଷ ୮୬ ହଜାରରେ ପହଞ୍ଚିଛି

## ବଜେଟ ୨୦୨୬-୨୭କୁ ନେଇ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ

**ଯାଜପୁର ଟାଉନ୍,୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ରାଜ୍ୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ରବିବାର ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଆଲୋଚ଼ନା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ମିଳନୀରେ ମନ୍ତ୍ରୀ ବଳସାମନ୍ତ ଏବଂ ଜିଲାପାଳ ଅମ୍ବର କୁମାର କର ବଜେଟ୍‌ର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ପ୍ରକୃତ ଜିଏସଡିପି ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ୨୦୨୪-୨୫ର ୭.୨% ତୁଳନାରେ ଅଧିକ ଏବଂ ଏହା ଜାତୀୟ ହାର ୭.୪% ଠାରୁ ମଧ୍ୟ ଅଧିକ। ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୮୬ ହଜାର ଟଙ୍କାରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୀତିରେ କୃଷି କ୍ଷେତ୍ରର ଅବଦାନ ୧୯.୬% ରହିଛି, ଯାହା ଜାତୀୟ ହାର ୧୬.୮% ଠାରୁ ଅଧିକ। ୨୦୨୫ରେ ୫ ଲକ୍ଷ ୬୬ ହଜାର କୋଟିର ୨୪୪ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି, ଯାହା ଦ୍ୱାରା ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସର୍ବଭାରତୀୟ ଅର୍ଥନୈତିକ ସର୍ଭେ ୨୦୨୫-୨୬ ଓଡ଼ିଶାକୁ ଏକ 'ମଡେଲ ଷ୍ଟେଟ୍' ଭାବେ ପ୍ରଶଂସା କରିଛି। ଦକ୍ଷତା ବିକାଶ, ଜୀବିକା ଏବଂ ଜଳବାୟୁ ସହିଷ୍ଣୁ ଭିତ୍ତିଭୂମି ଗଠନ ଯୋଗୁ ସମୃଦ୍ଧ ଓଡ଼ିଶା ୨୦୩୬ ଲକ୍ଷ୍ୟ ହାସଲ ଦିଗରେ ସରକାର ଆଗକୁ ବଢ଼ୁଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଆଦର୍ଶ ମଣ୍ଡି, ଭିବି ଜି ରାମଜୀ, ଜନଜାତି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ ଯୋଜନା, ବିରଳ ମୃତ୍ତିକା କରିଡର୍, ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଓ ବ୍ୟାଖ୍ୟାନ କେନ୍ଦ୍ର, ଓଡ଼ିଶା ଏଆଇ ମିଶନ, ଡାଲଖାଇ ଯୋଜନା, ପିଏମ୍ ପୋଷଣ, ସୁଭଦ୍ରା ଶକ୍ତି ସମ୍ବାଦ, ଫିଟ୍ ଇଣ୍ଡିଆ ମିଶନ, ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ, ଆଧୁନିକ ଶସ୍ୟ ଗୋଦାମ ନିର୍ମାଣ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ଆଡ଼ିବନ୍ଧ ତିଆରି ଯୋଜନା, ସେତୁ ବନ୍ଧ ଯୋଜନା ଭଳି କିଛି ନୂତନ ଯୋଜନା ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ।

ଶିକ୍ଷାର ଉନ୍ନତି ପାଇଁ ଐତିହ୍ୟ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ୍‌ଶ୍ରୀ ସ୍କୁଲ, ପଞ୍ଚସଖା ଶିକ୍ଷା ସେତୁ, ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରେ ଅର୍ଥ ଖର୍ଚ୍ଚ ହେବ। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ନିର୍ମଳ, ନିରାମୟ ଓ ନିଦାନ ଯୋଜନା, ଅଟଳ ରକ୍ତଦାନ ଅଭିଯାନ, ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ରହିଛି। ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ବୃଦ୍ଧାଶ୍ରମ, ମଧୁବାବୁ ପେନସନ୍ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମନ୍ତ୍ରୀ ବଳ ସାମନ୍ତ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯାଜପୁର ଜିଲାର ବିକାଶ ଓ ରାଜ୍ୟ ବଜେଟକୁ ନେଇ ମନ୍ତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚ଼ନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲାପାଳ ଅମ୍ବର କୁମାର କର ଓ ଅନ୍ୟ ଅଧିକାରୀ।

# ସିଂହପୁରରେ ଅନ୍ତର୍ଜାତୀୟ ମହିଳା ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତ୍ରୀ ଓ ଅନ୍ୟମାନେ।

**ସିଂହପୁର,୮।୩ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଭାଜପା ପକ୍ଷରୁ ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ସିଂହପୁରସ୍ଥିତ କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରାଯାଇଥିଲା। ଏହିସଭାରେ ସଂଯୋଜକ ନିରଞ୍ଜନ ବେଉରିଆ, ଜିଲା ସମ୍ପାଦକ ଜ୍ୟୋତିପ୍ରକାଶ ନାୟକ, ମଞ୍ଜୁଲତା ପଣ୍ଡା, ନମିତା ନାୟକ, ମାମିନା ବିଶ୍ୱାଳ, ମାମିନା ରାୟ, ପ୍ରେମଲତା ଯେନା, ସସ୍ମିତା ବେହେରା, ଲୁସି ପରିଡ଼ା ଓ ଶାନ୍ତିଲତା ମିଶ୍ର ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ଅଧିକାର, ସମ୍ମାନ ଓ ସମାଜ ଗଠନରେ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ମହିଳା ଓ ସ୍ଥାନୀୟ ନାରୀ ନେତୃତ୍ୱମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ଫୁଲମାଳା ଓ ଉପହାର ଦିଆଯାଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ, ଆଜିର ସମାଜରେ ମହିଳାମାନେ ପରିବାର ଓ ସମାଜର ମୂଳ ଶକ୍ତି ଭାବେ ପରିଚିତ। ଶିକ୍ଷା, ସ୍ୱାସ୍ଥ୍ୟ, ରାଜନୀତି ଓ ସାମାଜିକ କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ଅବସରରେ ମହିଳାମାନଙ୍କ ସଶକ୍ତୀକରଣ, ସ୍ୱାବଲମ୍ବନ ଓ ସମାନ ଅଧିକାର ପ୍ରତି ସଚେତନତା ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ଅଞ୍ଚଳରେ ସାମାଜିକ କାର୍ଯ୍ୟରେ ସକ୍ରିୟ ଥିବା କେତେଜଣ ମହିଳାଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା।

# ରାଧାରମଣ ଦେବଙ୍କ ଅଷ୍ଟପ୍ରହର ନାମଯଜ୍ଞ

**ଯାଜପୁରରୋଡ୍,୮।୩ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୋରଦା ଗ୍ରାମରେ ରାଧାରମଣ ଦେବଙ୍କ ୮୯ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ସଂକୀର୍ତ୍ତନ ଉତ୍ସବ ୩ ଦିନ ଧରି ଚାଲିଥିଲା। ଗୁରୁବାର ଅଧିବାସ କରାଯାଇଥିଲା। ଶୁକ୍ରବାର ନାମଯଜ୍ଞ ଓ ଶନିବାର ନଗର ଭ୍ରମଣ କରାଯାଇ ଦଧିଭାଣ୍ଡ ଭଙ୍ଗାଯାଇଥିଲା। ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ୨୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରାଧାକୃଷ୍ଣ ବେଶରେ ଆସିଥିବା ଭଗାନଇ ଓ ଆନନ୍ଦପୁର ସଂକୀର୍ତ୍ତନମଣ୍ଡଳୀ ଗୋପାଳ ଓଗାଳ ନୃତ୍ୟ ଗୀତରେ ଲୋକଙ୍କ ମନମୋହିଥିଲେ। ନାମସଂକୀର୍ତ୍ତନରେ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ଆଶିଷ ସାହୁ, ସବ୍ୟସାଚୀ ବଳସାମନ୍ତ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ବଳ, କାଉନସିଲର ସିଦ୍ଧାର୍ଥ ସାମଲ, ମନୀନ୍ଦ୍ର ରାଉତ, ଭାବପ୍ରସାଦ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ବହୁଶ୍ରଦ୍ଧାଳୁ ରାଧାରମଣ ଦେବଙ୍କୁ ଦର୍ଶନ କରିଥିଲେ। ୩ ହଜାରରୁ ଅଧିକ ଗୌରଭକ୍ତ ପ୍ରସାଦ ସେବନ କରିଥିଲେ। ଗ୍ରାମ କମିଟି ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ରବିନାରାୟଣ ପୁହାଣ, ଗଦାଧର ମହାନ୍ତି, ହୃଦାନନ୍ଦ ସାମଲ, ଚନ୍ଦ୍ରମଣି ସାମଲ, ଅନିରୁଦ୍ଧ ମହାନ୍ତି, ପବିତ୍ର ମହାନ୍ତି, ନିମାଇଁ ରାଉତ, ଶିଶିର ରାଉତ, ଜିତେନ୍ଦ୍ର ବେହୁରାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଚାଲିଛି।

# ମହିଳାଙ୍କ ସମ୍ମାନ, ସୁରକ୍ଷା ପାଇଁ କାମ କରିବାକୁ ପଡ଼ିବ


ଅତିଥି ଉଲ୍ଲେଖନୀୟ କାର୍ଯ୍ୟକରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କାଏମା,୮।୩(ଶିବପ୍ରସାଦ ମହାନ୍ତି):**

## ଅଂଶୁମାନ୍ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ୍ ମହିଳା ଦିବସ

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଲୋରିଆ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କୋରେଇ ବିଧାୟକ ଆକାଶ ଦାସନାୟକ, ସାମାଜିକ କର୍ମୀ ରତ୍ନପୂର୍ଣ୍ଣା ମହାନ୍ତି, ପୂର୍ବତନ ଏମ୍‌ପି ରୀତା ତରେଇ, ପୂର୍ବତନ ଭାଜପା ଜିଲା ସଭାପତି ଗୌତମ ରାୟ, ଯାଜପୁର ଜିଲାପରିଷଦ ସଭାପତି ନଳିନୀପ୍ରଭା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମିଶନଶକ୍ତି, ଅଙ୍ଗନୱାଡ଼ି, ଆଶା କର୍ମୀ ଓ ପୋଲିସ ବିଭାଗରେ କାର୍ଯ୍ୟକରୁଥିବା ମହିଳାଙ୍କ ମଧ୍ୟରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନେକ ମହିଳାଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ବହୁ ମହିଳା ଯୋଗଦେଇଥିଲେ। ଯୁବ ସଂଗଠକ ରାଜେଶ ପାଳ, ବିଶ୍ୱଜିତ ପୃଷ୍ଟି, ତପନ ମାହୁନ୍ତ, ସବ୍ୟସାଚୀ ସୁନ୍ଦରାୟ, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର, ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିଷେକ ରାଉତ, ସୁଷମା ଜେନା, ସୁଜାତା ମହାନ୍ତି, ବିଶ୍ୱବନ୍ଦନା ଜେନା, ସ୍ମୃତିରେଖା ବେହେରା, କ୍ଷୀରବ୍ଧୀ ତନ୍ମୟା ମଲ୍ଲିକ, ସବନମ ପରୱିନ, ଚିନ୍ମୟୀ ବେହୁରା ଓ ସୁନିତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ପାଣିକୋଇଲିରେ ପ୍ରତି ଗୁରୁବାର ହେବ ସାପ୍ତାହିକ ହାଟ

**ପାଣିକୋଇଲି,୮।୩(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ପାଣିକୋଇଲି ପଞ୍ଚାୟତରେ ଏକ ସାପ୍ତାହିକ ହାଟ ବସାଇବା ଲାଗି ଦ୍ୱିତୀୟ ପ୍ରସ୍ତୁତି ବୈଠକ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପଦ୍ମାବତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇ ସାପ୍ତାହିକ ହାଟକୁ ସ୍ୱାଗତ କରିଛନ୍ତି। ଯେହେତୁ ପାଣିକୋଇଲିରେ ପୂର୍ବରୁ ଗ୍ରାମ ଦେବତୀ ମା'ଜାଗୁଲାଇଙ୍କ ନାମରେ ହାଟ ବସୁଥିଲା, ଉକ୍ତ ହାଟକୁ ମଧ୍ୟ ସେହି ନାମରେ ନାମିତ କରିବା ଲାଗି ବହୁ ବ୍ୟକ୍ତି ପ୍ରସ୍ତାବ ଦେଇଥିଲେ। ପାଣିକୋଇଲି ପଞ୍ଚାୟତର କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ମହୋତ୍ସବ ପଡ଼ିଆରେ ଉକ୍ତ ହାଟ ପ୍ରତ୍ୟେକ ଗୁରୁବାର ବସିବ ବୋଲି ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲା। ଆସନ୍ତା ରବିବାର ଏହାର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇ ହାଟ କମିଟି ଗଠନ ହେବାକୁ ସ୍ଥିରୀକୃତ ହୋଇଥିଲା। ବୈଠକରେ ଶିକ୍ଷାବିତ ଭୋଳାନାଥ ସାହୁ, ବୈଷ୍ଣବ ଚରଣ ସାହୁ, ସୂର୍ଯ୍ୟମଣି ପଣ୍ଡା, ନୃସିଂହ ଚରଣ ଦଳାଇ, ନିର୍ମଳ ମଲ୍ଲିକ, ଗଦାଧର ପରିଡ଼ା, ବିନୋଦ ଜେନା, ତାରିଣୀ ପ୍ରସାଦ ରାୟ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ଦାଶ, ରାମଚନ୍ଦ୍ର ମଲିକ, ଗୋକୁଳାନନ୍ଦ ମହାରଣା, ଅଜିତ ସାହୁ, ଫିରୋଜ କୁମାର ପଣ୍ଡା ଓ ଶିବ ପ୍ରସାଦ ଓଝାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଚକିବାଙ୍କ, ନଳଦିଆ-କଟକଣା ସେତୁ ଉଦ୍‌ଘାଟିତ

**ରାଜନଗର, ୮।୩ (ଭାସ୍କର ରାଉତରାୟ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ-୨ କେନ୍ଦ୍ରାପଡ଼ା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ଚକିବାଙ୍କଠାରେ କାଣୀନାଳ ଉପରେ ନିର୍ମିତ ଉଚ୍ଚ ସୋପାନ ସେତୁ ଓ ବ୍ରାହ୍ମଣୀ ନାଳ ଉପରେ ନିର୍ମିତ କଟକଣା-ନଳଦିଆ ସେତୁ ରବିବାର ଉଦ୍‌ଘାଟିତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୨ ସେତୁକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ପୁଷ୍ପଲତା ପାତ୍ର, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ସୁରେଶ ପାତ୍ର, ଛାତ୍ର ନେତା ପରମେଶ୍ୱର ଦାସ, ମନୋରଞ୍ଜନ ରାଉତ, ସୁଧାଂଶୁ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

# ନାରୀ ବିନା ସମାଜର ଉନ୍ନତି ଅସମ୍ଭବ

**ଯାଜପୁରରୋଡ୍,୮।୩ (ପବିତ୍ର ରଞ୍ଜନ ମହାନ୍ତି):**

## ଅନ୍ତର୍ଜାତୀୟ ମହିଳା ଦିବସ

ନାରୀ ସମାଜର ପ୍ରମୁଖ ଅଙ୍ଗ। ନାରୀ ବିନା ସମାଜର ଉନ୍ନତି ଅସମ୍ଭବ। ନାରୀ ଆଗକୁ ଗଲେ ଦେଶ ଓ ଜାତି ଆଗକୁ ଯାଇପାରିବ। ରବିବାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ନିତ୍ୟ ଯୋଗ କକ୍ଷରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ଏହି ମତପ୍ରକାଶ ପାଇଛି।

ଯାଜପୁର ଜିଲା ପତଞ୍ଜଳି ପରିବାର ଭାରତ ସ୍ୱାଭିମାନ ନ୍ୟାସର ଶାଖା ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ଦାସ ଅଧ୍ୟକ୍ଷତା କରିଥିଲେ। ନିତ୍ୟଯୋଗ କକ୍ଷର ଯୋଗଶିକ୍ଷକ ତଥା ଭାରତ ସ୍ୱାଭିମାନ ନ୍ୟାସର ଯାଜପୁର ଜିଲା ପ୍ରଭାରୀ ବିବେକାନନ୍ଦ ଜେନା ଓ ସହ ପ୍ରଭାରୀ ବିଭୀଷଣ ନାୟକ ଯୋଗଦେଇ ଯୋଗକକ୍ଷର ଭଉଣୀମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ବରିଷ୍ଠ ଯୋଗୀ କାମଦେବ ଦାସ, ସୁବ୍ରତ କୁମାର ଜେନା, ତାପଶ କୁମାର ଚୌଧୁରୀ, ବରିଷ୍ଠ ଯୋଗିନୀ ପ୍ରମୋଦିନୀ ଦାସ, ସୁମିତା ଚୌଧୁରୀ, ତହସିଲ ପ୍ରଭାରୀ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗେଦଇ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିତ୍ୟ ଯୋଗକକ୍ଷର ଶତାଧିକ ଯୋଗୀ ଓ ଯୋଗିନୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେଶ ପତି, ଅଜୟ ଦାସ, ଦିଲୀପ ଦଳାଇ, ରଶ୍ମି ରଞ୍ଜନ ରାଉତ, ଶ୍ରୀଧର ବେହେରା, ସମରେନ୍ଦ୍ର ଜେନା, ନରେନ୍ଦ୍ର ଦାଶ, ବିଜୟ ନାଥଶର୍ମା, ଅଲେଖ ଜେନା, ସଦାଶିବ ଓଝା, ରବିନ ପଣ୍ଡା, ପୀତବାସ ସାହା, ବୀଣାପାଣି ଆଚାର୍ଯ୍ୟ, କଳ୍ପନା ଆଚାର୍ଯ୍ୟ, ଇନ୍ଦିରା ଜେନା, ମନୋରମା ଜେନା, ପ୍ରଭାସ ରାଉତ ଓ ସ୍ମୃତିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସହପ୍ରଭାରୀ ନାୟକ ଧନ୍ୟବାଦ ଦେଇଥିଲେ।



ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ।

# ଗଣମାଧ୍ୟମ ଜନପ୍ରତିନିଧିଙ୍କୁ ସଚେତନ କରାଏ


ଧର୍ମଶାଳା ପ୍ରେସ୍‌କ୍ଲବର ମୁଖପତ୍ର 'ପ୍ରହରୀ'କୁ ଅତିଥି ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୮।୩(ବଟକୃଷ୍ଣ ପରିଡ଼ା):**

## ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକୋତ୍ସବ

ଧର୍ମଶାଳା ପ୍ରେସ୍‌କ୍ଲବର ୨୩ତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କହିଥିଲେ, ଗଣମାଧ୍ୟମ ଜନପ୍ରତିନିଧିଙ୍କୁ ସଚେତନ କରାଏ, ଠିକଣା ବାଟକୁ ଆଣେ ଓ ଶାସନକୁ ବାଟ ହୁଡ଼ିବାକୁ ନ ଦେଇ ପ୍ରହରୀ ଭଳି କାର୍ଯ୍ୟ କରେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଖବରଦାତା ମନୋରଞ୍ଜନ ମିଶ୍ର, ସମ୍ମାନିତ ବକ୍ତା ଭାବରେ ଆଇନଜୀବୀ ମାନସ ମହାପାତ୍ର ଓ ସମାଜିକକର୍ମୀ ରତ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇ ଖବରଦାତା ବିଭିନ୍ନ ସମସ୍ୟାରେ ଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ସମସ୍ୟା ସମାଧାନ କରିବାରେ ଟାଳଟୁଳ ନିତି ଅବଲମ୍ବନ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଦିବଂଗତ ସଭାପତି ନରହରି ମହାନ୍ତି ସ୍ମୃତି ସମ୍ମାନ ବରିଷ୍ଠ ଖବରଦାତା ବିଶ୍ୱନାଥ ସାମଲ, ସାରସ୍ୱତ ସାଧନା ସମ୍ମାନ ଡ. ରାଜକିଶୋର ପାଢ଼ୀ, ସେବା ସମ୍ମାନ ଡା. ବିଜୟ କୁମାର ଶତପଥୀ, ଯୁବପ୍ରତିଭା ସମ୍ମାନ ଛାତ୍ର ପ୍ରଭୁ ଦୟାନନ୍ଦ ସାହୁ ଓ ଛାତ୍ରୀ ପ୍ରୀତିକ୍ଷା ରାଉତଙ୍କୁ ପ୍ରଦାନ କରାଯାଇଥିଲା। ପ୍ରେସ୍‌କ୍ଲବର ମୁଖପତ୍ର 'ପ୍ରହରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କ୍ଲବ୍ ପକ୍ଷରୁ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, ଗୁଲାମ୍ ଗସ, ସୀତାକାନ୍ତ ସାମଲ ପ୍ରମୁଖ ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପାଠ କରିବା ସହ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କବି ବଟକୃଷ୍ଣ ଓଝା, ସାମାଜିକର୍ମୀ ମିନତି ସାହୁ, ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲା ସଭାପତି ସୁବାସ ଧଳ, ଖବରଦାତା ମହେଶ୍ୱର ବଳ, ବେଣୁଧର ପଣ୍ଡା, ପ୍ରଦୀପ୍ତ ପୃଷ୍ଟି ପ୍ରମୁଖ ଜିଲାର ବହୁ ଖବରଦାତା ଯୋଗ ଦେଇଥିଲେ। ପ୍ରେସ୍‌କ୍ଲବ କୋଷାଧ୍ୟକ୍ଷ ବିବେକାନନ୍ଦ ରାୟ, ସହସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ଆଇନ ପରାମର୍ଶଦାତା କ୍ଷୀରୋଦ ମୁଦୁଲି, କପିଳେନ୍ଦ୍ର ରାଉତ, ବିକ୍ରମ ମହାନ୍ତି, ସୁବ୍ରତ ଜେନା, ଗିରିଧାରୀ ବେହେରା, କିଶୋର ରାଉତ, ବିନୋଦ ସାହୁ, ବିନୋଦ ପରିଡ଼ା, ଅନିଲ ନାୟକ, ଅକ୍ଷୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉପସଭାପତି ମାନସ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

# ଜଗତ୍‌ସିଂହପୁର: ସୁଭଦ୍ରା କିସ୍ତି ପାଇଲେ ୨.୮୧ ଲକ୍ଷ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ତାଳବଣିଆଠାରେ ରବିବାର ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏହି ରାଜ୍ୟସ୍ତରୀୟ ଉତ୍ସବର ସିଧାପ୍ରସାରଣ ରାଜ୍ୟବ୍ୟାପୀ କରାଯାଇଥିଲା। ଏହି ମୁତାବକ ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାର ୨,୮୧,୦୫୫ ଜଣ ହିତାଧିକାରୀଙ୍କୁ ୪ର୍ଥ କିସ୍ତି ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଥିବା ଘୋଷଣା ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ବଖାଣିଥିଲେ। ନାରୀ ହେଉଛନ୍ତି ସୃଷ୍ଟିର ଆଧାର। ତେଣୁ ମହିଳାମାନଙ୍କୁ ସଶକ୍ତିକରଣ ଉଦ୍ଦେଶ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୩୬ରେ ସମୃଦ୍ଧ


ଜଗତ୍‌ସିଂହପୁର ଜିଲାରେ ଆୟୋଜିତ ସୁଭଦ୍ରା କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପୁରସ୍କୃତ ହେଲେ ଶ୍ରେଷ୍ଠ ସିଡିପିଓ, ଅଙ୍ଗନୱାଡି କର୍ମୀ ଓ ଛାତ୍ରୀଛାତ୍ର

ଓଡ଼ିଶା ଗଢ଼ିବାକୁ ହେଲେ ମହିଳାମାନଙ୍କୁ ସଶକ୍ତ ଓ ଆତ୍ମ ନିର୍ଭରଶୀଳ କରିବାକୁ ପଡ଼ିବ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ସଦା ସର୍ବଦା ଚେଷ୍ଟିତ ବୋଲି ସେ କହିଥିଲେ। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳା ସଶକ୍ତିକରଣ ପାଇଁ ଆମ୍ଭମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ କରିବା ପାଇଁ ଚିନ୍ତିତ। ରାଜ୍ୟ ସରକାର ନାରୀ ସଶକ୍ତିକରଣ ଉପରେ ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି। ତେବେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାର ସଦୁପଯୋଗ କରି ବିକଶିତ ଓଡିଶା ଓ ବିକଶିତ ଭରତ ଗଠନରେ ଭାଗିଦାରୀ ହେବାକୁ ବିଧାୟକ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ସୁଭଦ୍ରା ଯୋଜନା ପାଇଁ ମହିଳାମାନଙ୍କ ଅର୍ଥନୈତିକ ମାନଦଣ୍ଡ ସୁଦୃଢ ହୋଇପାରିଛି ବୋଲି କହିଥିଲେ। ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ମା'ମାନେ ସବୁବେଳେ ସମ୍ମାନନୀୟ। ସମାଜ ବିକାଶରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ କହିଥିଲେ, ରାଷ୍ଟ୍ର ତଥା ସମାଜର ବିକାଶ ପାଇଁ ମହିଳାମାନଙ୍କୁ ଶିକ୍ଷିତ ଓ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ହେବାକୁ ପଡିବ ବୋଲି କହିଥିଲେ। ଜଗତ୍‌ସିଂହପୁର ଏମ୍‌ପି ବିଭୁ ତରାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲୁଓ) ବିଷ୍ଣୁପ୍ରିୟା ସେଠୀ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତୀଚି ତନୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ ଓ ହେଲପରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରଯାଇଥିଲା। ସେହିପରି ସୁଭଦ୍ରା ଯୋଜନାର ସମସ୍ତ ହେଲ୍ପଡେସ୍କ ପର୍ସନାଲ ଓ ଜିଲା ଚୟନ କମିଟିର ମହିଳା ସାମାଜିକ କର୍ମୀ ସୁଷମା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଏସ୍‌ଡବ୍ଲୁଓ ସେଠୀ ସ୍ୱାଗତ ଭାଷଣ, ମମତା ଯୋଜନା ଜିଲା ପ୍ରକଳ୍ପ ସଂଯୋଜିକା ତପସ୍ୱିନୀ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ସାମାଜିକ କର୍ମୀଙ୍କ ଧାରଣା

## ଫାର୍ମାସିଷ୍ଟ ପଦବୀ ପୂରଣ, ୨୪ ଘଣ୍ଟିଆ ନିରାମୟ ଖୋଲିବାକୁ ଦାବି

ଏରସମା, ୮।୩ ( ଦୀପ୍ତି ଖଣ୍ଡୁଆଳ )



ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ରବିବାର ଯୁବ ସମାଜସେବୀ ନେତ୍ରାନନ୍ଦ ବେହେରା ଧାରଣାରେ ବସିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ପୂରଣ, ୨୪ ଘଣ୍ଟିଆ ନିରାମୟ ଖୋଲା ରଖିବା ଦାବିରେ ସେ ଏହି ଧାରଣା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ଅଭାବ ଥିବାରୁ ରାତି ସମୟରେ ନିରାମୟ କେନ୍ଦ୍ର ବନ୍ଦ ରହୁଛି। ଫଳରେ ରାତିରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ନିରାମୟ ମାଧ୍ୟମରେ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଦୋକାନରୁ ଔଷଧ କିଣିବାକୁ ଲୋକେ ବାଧ୍ୟ ହେଉଛନ୍ତି। ସେହିପରି ଅଧିକାଂଶ ସମୟରେ ମାତ୍ର ଜଣେ ଡାକ୍ତର ଆଉଟ ଡୋର୍‌ରେ ରହୁଥିବାରୁ ରୋଗୀମାନେ ମେଡିକାଲ ବାହାରେ ଖରାରେ ଲମ୍ବା ଧାଡ଼ିରେ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏନେଇ ଆଉଟ ଡୋର୍‌ରେ ଅଧିକ ଡାକ୍ତର ନିଯୁକ୍ତି ଓ ନିରାମୟ କେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖିବାକୁ ସେ ଦାବି କରିଥିଲେ। ଖବରପାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏରସମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନେତ୍ରାନନ୍ଦ ବେହେରାଙ୍କୁ ଧାରଣାସ୍ଥଳରୁ ଉଠାଇ ନେଇଛି।

# ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

ପାରାଦୀପ,୮।୩ (ଶରତ ରାଉତ)

ସ୍ଥାନୀୟ ଜୟଦେବ ଭବନରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗନ୍ନାଥ ଲଳିତ କଳା ସଂସଦ ଓ ପାରାଦୀପ ବନ୍ଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ଉଦଘାଟନ କରିଥିଲେ। ପରେ ସାକ୍ଷରତା ସମିତି ପକ୍ଷରୁ ନାଟକ ପ୍ରତିଧ୍ୱନୀ ପରିବେଷଣ କରାଯାଇଥିଲା।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା କଳାକାର ତିଆରି କାରଖାନା

କୁଜଙ୍ଗ,୮।୩ (ମନୋଜ ପ୍ରଧାନ)


ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁଜଙ୍ଗ ବ୍ଲକ କାଳିଆପାଟଠାରେ ସ୍ଥାନୀୟ କାଳିଆପାଟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରଥମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ.ଜ୍ୟୋତି ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତା ଓ ପ୍ରତିଷ୍ଠିତ ମଞ୍ଚ ଅଭିନେତା ପ୍ରଭଞ୍ଜନ ମାଝୀ(ପପିନି)ଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ସାମଲ, କେଶବ ଚନ୍ଦ୍ର ମଙ୍ଗୁଆଲ, ଉପେନ୍ଦ୍ର ରାଉତ, ନାଟ୍ୟ ନିର୍ଦ୍ଦେଶକ ଅମୀୟ ସାମନ୍ତରାୟ, ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା ପ୍ରମୁଖ ଯୋଗଦେଇ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆଞ୍ଚଳିକସ୍ତରରେ କଳାକାର ତିଆରି କାରଖାନା ବୋଲି କହିଥିଲେ। ଏହି ପ୍ରତିଯୋଗିତା ଶୃଙ୍ଖଳିତ ଭାବେ ଆୟୋଜନ କରି ଭାଇଚାରା ଓ ଏକତାର ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୨୮ରୁ ଆରମ୍ଭ ହୋଇ ମେ'ମାସ ୨ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଅନୁଷ୍ଠିତ ହେବ। ଏନେଇ ଦଳଗୁଡ଼ିକ ମଧ୍ୟରେ ଲଟେରି ଉଠାଣ ହୋଇଥିଲା। ପ୍ରଥମ ରାତିରେ ରାଜଧାନୀ ରଙ୍ଗ ମଞ୍ଚ ଭୁବନେଶ୍ୱର, ଦ୍ୱିତୀୟ ରାତ୍ରିରେ ମଞ୍ଚ ମଞ୍ଜୁଳ ନାଟ୍ୟ ସଂସଦ ଜଗତସିଂହପୁର ଏଇ ଆଖି କାନ୍ଦୁଚି ତୋରି ପାଇଁ, ତୃତୀୟ ରାତିରେ ମା'ଲକ୍ଷ୍ମୀ ନାରାୟଣ ନାଟ୍ୟ ସଂସଦ କୁଆଖିଆ ଯାଜପୁର, ଚତୁର୍ଥ ରଜନୀରେ ମା'ଭଟ୍ଟାରିକା ନାଟ୍ୟ ସଂସଦ ବଡ଼ମ୍ବା ନାଟକ କଟିକଟି ଡବଲ କଟି, ଅନ୍ତିମ ରାତିରେ ଓମ୍ ସାଇ ରାମ ନାଟ୍ୟ ପରିଷଦ ଭୁବନେଶର ପକ୍ଷରୁ ନାଟକ କାନ୍ଦେନା ଲୁହ ସରିଯିବ ନାଟକ ପରିବେଷଣ କରାଯିବ ବୋଲି ସ୍ଥିର କରାଯାଇଥିଲା। କାଳିଆପାଟ ସାଂସ୍କୃତିକ ମଞ୍ଚର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସମ୍ପାଦକ ବିପ୍ଳବ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# '୫୩୪ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଯାଇଛି'

## ପିପିଏଲ୍ ପରିସରରେ ମହିଳା ଦିବସ ପାଳିତ

ପାରାଦୀପ,୮।୩(ଶରତ ରାଉତ)

ପାରାଦୀପ ଫସ୍‌ଫେଟ୍‌ସ୍ ଲିମିଟେଡ୍ (ପିପିଏଲ)ପରିସରରେ ରବିବାର ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳଦୀପ ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଚିଫ ମାନୁଫ୍ୟାକଚରିଂ ଅଫିସର (ସିଏମ୍‌ଓ)ପାଲାନିସ୍ୱାମୀ ଭେଲୁସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମଙ୍ଗରାଜପୁର, ଭୂତମୁଣ୍ଡାଇ, ହଂସିଣା ଆଦି ଗ୍ରାମର ୫୩୪ ଜଣ ମହିଳା ଭାଗ ନେଇଥିଲେ। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଅଧୀନରେ ଉକ୍ତ ପଞ୍ଚାୟତସ୍ତରରେ ମହିଳା ସଶକ୍ତୀକରଣ କାର୍ଯ୍ୟ କରାଯାଉଛି। ଛତୁ ଚାଷଠାରୁ ଆରମ୍ଭ କରି ଜୈବିକ ଖତ ପର୍ଯ୍ୟନ୍ତ କାମ ମହିଳାମାନଙ୍କ ଜରିଆରେ ହେଉଛି। ଏହାଦ୍ୱାରା ୫୦୦ ଅଧିକ ମହିଳା ରୋଜଗାରକ୍ଷମ ହୋଇଛନ୍ତି ବୋଲି ପାଲାନିସ୍ୱାମୀ କହିଥିଲେ। ଏହି ଅବସରରେ କମ୍ପାନୀ ମାନବସମ୍ବଳ ଅଧିକାରୀ ସୁମିତ୍ କୁମାର ସେନାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କମ୍ପାନୀ ଅଧିକାରୀ ଓ ମହିଳାମାନେ।

# ବିନା ବୀମାରେ ସରକାରୀ କାର୍

ଜଗତ୍‌ସିଂହପୁର, ୮।୩
(ପ୍ରମୋଦ କୁମାର ନାୟକ)



ସରକାରୀ ଗାଡ଼ି ଓ ସରିଯାଇଥିବା ବୀମା ଅବଧି।

ଜଗତ୍‌ସିଂହପୁର ସର୍କିଟ ହାଉସ ପରିସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରବିବାର ବଜେଟ ୨୦୨୬-୨୭କୁ ନେଇ ଖବରଦାତା ସମ୍ମିଳନୀ କରିଥିଲେ। ଭିତରେ ଖବରଦାତା ସମ୍ମିଳନୀ ଚାଲିଥିବାବେଳେ ବାହାରେ ଏକ ଇନୋଭା (ଓଡି -୦୫ ବିଏକ୍ସ -୦୦୪୫) ଦେଖିବାକୁ ମିଳିଥିଲା। ସରକାରୀ କାର୍ଯ୍ୟରେ ଲାଗିଥିବା ଏହି କାର୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାରଣ ଏହି କାର୍‌ଟିର ବୀମା ଅବଧି ୨୦୨୫ ଅକ୍ଟୋବର ୨୧ରେ ଶେଷ ହୋଇଯାଇଥିବାବେଳେ ସରକାରୀ ଭାବେ ବ୍ୟବହାର ହେବା ଅନେକଙ୍କୁ ବିସ୍ମିତ କରିଥିଲା। ଏ ସମ୍ପର୍କରେ କେତେଜଣ କହିଥିଲେ ସରକାରୀ କାର୍ଯ୍ୟରେ ଲାଗିଥିବା କାର୍ ଯଦି ବିନା ବୀମାରେ ଚାଲେ ତେବେ ଅନ୍ୟ ଗାଡି କଥା କହିବା ବାହୁଲ୍ୟ। ବୀମାର ଆବଶ୍ୟକତାକୁ ଗୌଣ କରାଯିବା ଦୁଃଖଦାୟକ କଥା। କେବଳ ବୀମା ନୁହେଁ ଏହି କାର ଉପରେ ୨ ହଜାର ଟଙ୍କାର ଚାଲାଣ ପେଣ୍ଡିଂ ଥିବା ମଧ୍ୟ କୁହାଯାଉଛି।

# ବାଉରିଆପାଳନ୍ଦାରେ ରାଲି

ପାରାଦୀପ, ୮।୩(ଶରତ ରାଉତ)



ପାରାଦୀପ ବାଉରିଆପାଳନ୍ଦାରେ ରବିବାର ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଶତାଧିକ ମହିଳା ରାଲି କରିଥିଲେ। ପୂର୍ବ ଉପକୂଳ ପ୍ରଗତିଶୀଳ ମହିଳା ଟ୍ରଷ୍ଟ ପକ୍ଷରୁ ଏହା କରାଯାଇଥିଲା। ଆଇନଜୀବୀ ଦେବେନ୍ଦ୍ର ସାହୁ, ଉଜ୍ଜ୍ୱଳ ଗୋଲଦାର୍, ଆଶୁତୋଷ ସ୍ୱାଇଁ, ଅମରେଶ୍ୱର ଜେନା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଉକ୍ତ ରାଲି ପଛରେ ବିଜେଡି ରାଜନେତାଙ୍କ ଛକାପଞ୍ଝା ଥିବା ଚର୍ଚ୍ଚା ହେଉଛି। ଗତ ୫ ତାରିଖ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ଦୁଇ ସମାନ୍ତରାଳ ଗୋଷ୍ଠୀ ଏକାଠି ହୋଇଥିଲେ। ସେଥିରେ ଦଳର ଅନ୍ୟ ଦୁଇ ଛାମୁଆ କର୍ମୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରବିବାର ମହିଳା ଦିବସ ନାଁରେ ରାଲି ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଥିବା ଚର୍ଚ୍ଚା ହେଉଛି।

# ଅଳିଆ ଗଦାରେ ଜାହାଜର ଭଗ୍ନାଂଶ ବିସ୍ଫୋରଣ

ପାରାଦୀପ,୮।୩ (ଶରତ ରାଉତ)

ପାରାଦୀପ ମଧୁବନ ବଙ୍ଗାଳିପଡା ପାଖରେ ଥିବା ଅଳିଆ ଗଦାରେ ରବିବାର ଅପରାହ୍ନରେ ଛୋଟ ବିସ୍ଫୋରଣ ଘଟିଥିଲା। ଜାହାଜରେ ବ୍ୟବହାର ହେଉଥିବା ହ୍ୟାଣ୍ଡ ଫ୍ଲେୟାର ନାମକ ଯନ୍ତ୍ରାଂଶ ଫାଟି ନିକଟସ୍ଥ ବସ୍ତି ପାଖରେ ପଡିଥିଲା। ଏଥିପାଇଁ କିଛି ସମୟ ସେଠାରେ ଚର୍ଚ୍ଚା ହୋଇଥିଲା।

# ମହିଳା ସଶକ୍ତ ହେଲେ ସମାଜ ବଦଳିବ

ପାରାଦୀପ, ୮।୩(ଶରତ ରାଉତ)

## ପାରାଦୀପ ବନ୍ଦର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପାରାଦୀପ ବନ୍ଦର ସାକ୍ଷରତା ସମିତି ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ସଚିବ କୃଷ୍ଣ ବାପିରାଜୁ, ସ୍ୱର୍ଣ୍ଣା ମିଶ୍ର, ସବିତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ଓ ସମାନତା ଅଧିକାର କ୍ଷେତ୍ରରେ ପାରାଦୀପ ବନ୍ଦର ୧୯୯୨ରୁ ସାକ୍ଷରତା ସମିତି ଜରିଆରେ ମହିଳା ସଶକ୍ତୀକରଣ କାର୍ଯ୍ୟ କରୁଛି। ୯୦ ଦଶକରେ ପାରାଦୀପ ଅଞ୍ଚଳରେ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରି ଅନେକ ମହିଳାଙ୍କୁ ସାକ୍ଷର କରିଥିଲେ। ଏବେ ମହିଳା ଗୋଷ୍ଠୀ ଜରିଆରେ ବିକାଶ କରାଯାଉଛି। ଯେଉଁଠି ମହିଳା ସଶକ୍ତ ଅଛନ୍ତି ସେଠାରେ ସମାଜ ବିକଶିତ ହୋଇଛି ବୋଲି ମୁଖ୍ୟ ଅତିଥି ହାରାନ୍ଧ କହିଥିଲେ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅନ୍ତର୍ଜାତୀୟ ମହିଳା ଦିବସରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ବକ୍ତବ୍ୟ ଦେଉଛନ୍ତି।

# ୨୦୩୬ରେ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିବ


ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ।

## ବଜେଟ ୨୦୨୬-୨୭ ଉପରେ ଖବରଦାତା ସମ୍ମିଳନୀ

## ୬ ପ୍ରମୁଖ ସ୍ତମ୍ଭକୁ ଗୁରୁତ୍ୱ ଦିଆଯାଉଛି

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଗତ ଫେବ୍ରୁଆରୀ ୨୦ରେ ୩.୧୦ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ଏହା ଓଡ଼ିଶା ଇତିହାସରେ ସର୍ବାଧିକ। ଚଳିତ ବଜେଟ ଲୋକମାନଙ୍କ ଭିତରେ ନୂଆ ଆଶା ସୃଷ୍ଟି କରିଛି। ଲୋକଙ୍କ ଉନ୍ନତିରେ ରାଜ୍ୟର ପ୍ରଗତିର ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ଏହି ବଜେଟରେ ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି। ସେଗୁଡିକ ହେଲା ନାଗରିକଙ୍କୁ ପ୍ରାଥମିକତା, ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ସମୃଦ୍ଧି, ଆମ ପରମ୍ପରା, ଆମ ସ୍ୱାଭିମାନ, ପଥ ପ୍ରଦର୍ଶନକାରୀ ପ୍ରଯୁକ୍ତି ଓ ଲୋକକୈନ୍ଦ୍ରିକ ଶାସନ। ଏହି ସ୍ତମ୍ଭଗୁଡ଼ିକ ବିକଶିତ ଓଡ଼ିଶା ଗଠନ ଦିଗରେ ମୂଳଦୁଆ ପକାଇବ। ରବିବାର ସ୍ଥାନୀୟ ସର୍କିଟ ହାଉସ ପରିସରରେ ବଜେଟ ୨୦୨୬-୨୭କୁ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା କହିଛନ୍ତି। ସେ କହିଥିଲେ, ଚଳିତ ବର୍ଷର ବଜେଟ ପରିମାଣ ଓଡ଼ିଶାକୁ ଏକ ବୃହତ୍ ଅର୍ଥନୀତି ଆଡକୁ ଆକର୍ଷିତ କରୁଥିବା ସ୍ୱଷ୍ଟ ସଙ୍କେତ ଦେଉଛି। ଆଶା କରାଯାଉଛି, ୨୦୩୬ ବେଳକୁ ଓଡ଼ିଶାର ଅର୍ଥନୀତି ୫୦୦ ବିଲିଅନ ଡଲାରରେ ପହଞ୍ଚିବ। ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ପ୍ରାଧାନ୍ୟ ଦେଉଛନ୍ତି। ଏଥିସହ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ ଓ ନଗର ଉନ୍ନୟନ ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଖସଡା ପ୍ରସ୍ତୁତ କରୁଛନ୍ତି ଏବଂ ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ଉଦ୍ୟମ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଚଳିତ ବଜେଟକୁ ଲୋକାଭିମୁଖୀ ବଜେଟ ଭାବେ ଉପସ୍ଥାପନ କରିଥିଲେ। ସେ କହିଥିଲେ, ବଜେଟ ସମ୍ପର୍କରେ ବ୍ୟାପକ ପ୍ରଚାର, ପ୍ରସାର କରିବା ଅର୍ଥାତ୍ ସାଧାରଣ ଲୋକଙ୍କ ପାଖରେ ଏ ସମ୍ପର୍କରେ ସୂଚନା ପହଞ୍ଚାଇବା ପାଇଁ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଛି। ବିଗତ ବର୍ଷଗୁଡିକରେ ଦେଖାଯାଇଛି ଯାହା ବଜେଟ ଉପସ୍ଥାପନ କରାଯାଏ ବାସ୍ତବ କ୍ଷେତ୍ରରେ ତାହା ଶତପ୍ରତିଶତ ପ୍ରତିଫଳିତ ହୁଏନାହିଁ। ଚଳିତ ବଜେଟରେ ମଧ୍ୟ ସେଭଳି ସମ୍ଭାବନା କରାଯାଉଥିବା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମନ୍ତ୍ରୀ କହିଥିଲେ ବିଭିନ୍ନ କାରଣରୁ ଯେଉଁ ବାବଦରେ ଯେତିକି ଅର୍ଥ ଖର୍ଚ୍ଚ କରାଯିବାର ଥାଏ ତାହା ହୋଇପାରେ ନାହିଁ। ତଥାପି ସରକାର ଏ ଦିଗରେ ଯତ୍ନବାନ ହେବେ ବୋଲି ସେ କହିଥିଲେ।

# ଜଗତ୍‌ସିଂହପୁର ସଦର ମହକୁମାରେ ହେବ ବିଶ୍ୱବିଦ୍ୟାଳୟ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

- ସ୍ଥାନ ଚିହ୍ନଟ ପାଇଁ ଚାଲିଛି ପ୍ରକ୍ରିୟା
- ନିଁପୁରରେ ମେଡିକାଲ କଲେଜ ହେବା ଚୂଡ଼ାନ୍ତ

ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦୀର୍ଘ ବର୍ଷ ଧରି ଯେଉଁ ଦାବି ହୋଇ ଆସୁଥିଲା ତାହା ଏକ ପ୍ରକାର ପୂରଣ ହେବାକୁ ଯାଉଛି। ଗତବର୍ଷ ଜିଲା ମହୋତ୍ସବ କଲ୍ଲୋଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଚୂଡାନ୍ତ ବୋଲି ଘୋଷଣା କରିଥିଲେ। କିନ୍ତୁ କେଉଁ ସ୍ଥାନରେ ହେବ ତାକୁ ନେଇ କସରତ ଚାଲିଥିଲା। ତେବେ ଏହା ଭିତରେ ଜଗତ୍‌ସିଂହପୁର ନିକଟବର୍ତ୍ତୀ ନିଁପୁରଠାରେ ମେଡିକାଲ କଲେଜ ହେବା ନିଷ୍ପତ୍ତି ହୋଇଥିବା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସ୍ଥାନୀୟ ସର୍କିଟ ହାଉସ ପରିସରରେ ବଜେଟ ୨୦୨୬-୨୭ ଉପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେବା ସହ ଫାଇଲ ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବେ ବୋଲି କହିଥିଲେ। ଅନ୍ୟପଟେ ଚଳିତ ବଜେଟରେ ପାରାଦୀପରେ ଇଞ୍ଜିନିୟରିଂ କଲେଜ ଓ ଜଗତ୍‌ସିଂହପୁର ଜିଲାରେ ଏକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ କେଉଁଠି ହେବ ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ବିଶ୍ୱବିଦ୍ୟାଳୟ ଜଗତ୍‌ସିଂହପୁର କିମ୍ବା ଏହା ଆଖପାଖରେ ହେବ। ଏଥିପାଇଁ ୬୦ରୁ ୧୦୦ ଏକର ଜମି ଆବଶ୍ୟକ ହୋଇପାରେ। ତେଣୁ ଉପଯୁକ୍ତ ସ୍ଥାନ ଚିହ୍ନଟ ସହ ଏତେ ଜମି କେଉଁଠି ଅଛି ତାହା ଦେଖାଯିବ। ଏହି ସ୍ଥାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ନିଁପୁର ମେଡିକାଲ କଲେଜ ପାଖ କିମ୍ବା ଆଉ କେଉଁଠି ଉପଯୁକ୍ତ ସ୍ଥାନ ତାହା ଚିହ୍ନଟ ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଥିଲେ।

# କଣ୍ଟ୍ରୋଲରଙ୍କ ପରିଦର୍ଶନ ପରେ କାର୍ଯ୍ୟାନୁଷ୍ଠାନ

**ରଣପୁର କଲେଜରେ ଖୋଲାଖୋଲି କପି ପ୍ରସଙ୍ଗ**

■ଅଧ୍ୟକ୍ଷ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ, ହବ୍ ସୁପରଭାଇଜର ଦାୟିତ୍ୱରୁ ହଟିଲେ

■ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବଦଳିଲେ

ନୟାଗଡ଼/ରଣପୁର, ୮।୩ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କଲେଜ)ରେ ଖୋଲାଖୋଲି କପି କରାଯିବା ପ୍ରସଙ୍ଗ ମହଙ୍ଗା ପଡ଼ିଛି। କପି କରାଯିବା ପରି ଅନିୟମିତତା ଘଟଣାରେ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ହବ ସୁପରଭାଇଜର ଦାୟିତ୍ୱରୁ ହଟାଇ ସୁଧାକର ପଣ୍ଡାଙ୍କୁ ନୂଆ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅବସ୍ଥାପିତ କରିବା ପାଇଁ କଂଟ୍ରୋଲରଙ୍କ ନିର୍ଦ୍ଦେଶନାମା ପହଞ୍ଚିଛି। ସେହିପରି ଡେପୁଟି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ବିଜ୍ଞାନ ମାଣିଆଙ୍କୁ ହଟାଇ ଅନୁପମା ରାୟଙ୍କୁ ଓ ନୂତନ ହବ ସୁପର ଭାଇଜର ଭାବେ ସ୍ମିତା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ ପାଇଁ ଅନୁରୂପ ନିର୍ଦ୍ଦେଶ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱରର କଣ୍ଟ୍ରୋଲର ପ୍ରଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ୨ ଜଣିଆ ଦଳ ରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଲେଜ) ପହଞ୍ଚି ତଦନ୍ତ କରି ଫେରିଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅପରପକ୍ଷେ କଣ୍ଟ୍ରୋଲରଙ୍କ କାର୍ଯ୍ୟାନୁଷ୍ଠାନ, ସେଣ୍ଟ୍ରାଲ ସ୍କ୍ୱାଡ୍ ୮ ଜଣଙ୍କୁ ଏମ୍‌ପି କରାଇବା ଓ ଧରିତ୍ରୀର ନିରପେକ୍ଷ ଖବର ପରିବେଷଣକୁ ସାଧାରଣରେ ପ୍ରଶଂସା କରାଯାଉଛି।

ପ୍ରାପ୍ତ ସୂଚନା ଅନୁସାରେ, ପରୀକ୍ଷାକୁ କଡ଼ାକଡ଼ି କରିବାକୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିଲେ ମଧ୍ୟ ଚକମା ଦେଖାଇ ରଣପୁର କଲେଜର ପରୀକ୍ଷା କେନ୍ଦ୍ରରେ କପି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା ।ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱରର କଂଟ୍ରୋଲରଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ କଟ୍ରୋଲର ୨ ଜଣ ସେଂଟରାଲ ସ୍କ୍ୱାର୍ଡଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ସ୍କ୍ୱାଡ କଲେଜରେ ପହଞ୍ଚି ଗତ ୨୮ ତାରିଖରେ କପି ହେଉଥିବାର ଦେଖି ୮ଜଣଙ୍କୁ ପରୀକ୍ଷାର୍ଥୀଙ୍କୁ ମାଲ ପ୍ରାକ୍ଟିସ କରି ଫେରିଥିଲେ। ଅନ୍ୟପକ୍ଷେ ପରୀକ୍ଷା ଶେଷ ପରେ ଉତ୍ତର ଖାତାରେ ଉତ୍ତର ଲେଖା ଯାଉଥିବା ଅଭିଯୋଗ ପୁଣି ଉଠିଥିଲା। କଲେଜର କେତେଜଣ କର୍ମଚାରୀ ଓ ଅଧ୍ୟକ୍ଷ ଏଥିରେ ନିୟୋଜିତ ଥିବା କୁହାଯାଇଥିଲା। ଫେବୃଆରୀ ୨୮ରେ ପରୀକ୍ଷାରେ କପି ବନ୍ଦ ହୋଇଯିବା ଓ ସେଣ୍ଟ୍ରାଲ ସ୍କ୍ୱାଡ୍ ଚାଲିଯିବା ପରେ ଉତ୍ତର ଖାତା ହବ୍ କଲେଜ ୨ ଘଣ୍ଟା ବିଳମ୍ବରେ ଫେରାଇବା ପରି ଅଭିଯୋଗ ପୁଣି ସନ୍ଦେହ ବଢ଼ାଇଥିଲା। ପରୀକ୍ଷାକେନ୍ଦ୍ର ହବର ଡେପୁଟି ସୁପରଭାଇଜର ଦୟାନିଧି ବରାଳ ମଧ୍ୟ ଉତର ଖାତା ହବ୍ କଲେଜରୁ ବିଳମ୍ବରେ ମିଳିଥିବା ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାର କରିଥିଲେ। ଖୋଲାଖୋଲି କପି, ୮ ଧରାପଡିଲେ ସମ୍ପର୍କରେ ଧରିତ୍ରୀ ଶିରୋନାମାରେ ମାର୍ଚ୍ଚ ୧ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱରର କଣ୍ଟ୍ରୋଲର ପରିଡାଙ୍କ ନେତୃତ୍ୱରେ ୨ଜଣିଆ ଦଳ କଲେଜରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଡେପୁଟି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଅନୁପସ୍ଥିତ ଥିଲେ। ଏପରିକି କଣ୍ଟ୍ରୋଲରଙ୍କ ଫୋନ ଉଠାଇ ନ ଥିଲେ। ଅପରପକ୍ଷେ କଣ୍ଟ୍ରୋଲର ପରୀକ୍ଷା କେନ୍ଦ୍ରରେ କପି ହେଉଥିବା ତଦନ୍ତରୁ ଜାଣି ପାରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

# ମା' ବନଦୁର୍ଗାଙ୍କ ବାର୍ଷିକ ଉତ୍ସବ



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ଖଣ୍ଡପଡ଼ା, ୮।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଗ୍ରାମର ଆରାଧ୍ୟ ଦେବୀ ମା' ବନଦୁର୍ଗାଙ୍କର ୨ୟ ବାର୍ଷିକ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମନ୍ଦିରରେ ଅଧିବାସ, ସୂର୍ଯ୍ୟପୂଜା, କଳସ ସ୍ଥାପନ ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ସିଂଘାପଡ଼ା, କୁଞ୍ଜବିହାରୀପ୍ରସାଦ, ସାଧୁଆପଲ୍ଲୀ ଓ ହରିହରପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ମନ୍ଦିର ବାର୍ଷିକ ଉତ୍ସବ ୩ ଦିନ ଧରି ଚାଲିବ। ଆସନ୍ତା ୧୦ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ମା'ଙ୍କର ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ଦିନରେ ସାମାଜିକ ଓ ପୌରାଣିକ ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡିଛି।

# ନିଲମ୍ବିତ ହେଲେ କନେଷ୍ଟବଲ

ନୟାଗଡ଼, ୮।୩(ଲୋକନାଥ ମିଶ୍ର)

**ହରିପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା**

ନୟାଗଡ଼ ଜିଲା ଇଟାମାଟି ଥାନା ହରିପୁର ଗାଁରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନାରେ କାର୍ଯ୍ୟରତ କନେଷ୍ଟବଳ ସଦାନନ୍ଦ ପାତ୍ରଙ୍କୁ ନିଲମ୍ବିତ ହୋଇଛନ୍ତି। ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ କନେଷ୍ଟବଲଙ୍କୁ ନିଲମ୍ବିତ କରିଥିବା ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ପ୍ରଧାନ ଓ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ଶୁକ୍ରବାର ରାତି ଓ ଶନିବାର ସକାଳେ ଶୁଦ୍ଧି ଘର ଭୋଜି ଓ ବିବାହ ଶୋଭାଯାତ୍ରାକୁ ନେଇ ଇଟାମାଟି ଥାନା ହରିପୁର ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ଭାଜପାର ୩ ଓ ବିଜେଡିର ୨ଜଣ ଏପରି ମୋଟରେ ୫ଜଣ ସମର୍ଥକ ଆହତ ହୋଇଥିଲେ। ପୋଲିସ ୨ ମାମଲା ରୁଜୁ କରି ଉଭୟପକ୍ଷର ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ହରିପୁରରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଭାଜପା ସମର୍ଥକ ରମେଶ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୪/୨୬ରେ ମାମଲା ରୁଜୁ କରି ବିଜେଡିର ଲିଙ୍ଗରାଜ ପାତ୍ର ଓ ସୁଶାନ୍ତ ନାୟକଙ୍କୁ ଗିରଫ କରିଥିଲା। ଏହି ମାମଲାରେ କନେଷ୍ଟବଳ ସଦାନନ୍ଦ ପାତ୍ରଙ୍କର ନାଁ ଥିଲେ ମଧ୍ୟ ଗିରଫ କରି ନ ଥିଲା। ସେହିପରି ବିଜେଡି ପ୍ରହଲାଦ ପଲେଇଙ୍କ ଅଭିଯୋଗକ୍ରମେ ନଂ. ୯୫/୨୬ରେ ମାମଲା ରୁଜୁ କରି ଅଜିତ ପ୍ରଧାନଙ୍କୁ ଗିରଫ କରିଥିଲା।

# ବ୍ୟଙ୍ଗ କବି ରବୀନ୍ଦ୍ର ପାଇବେ ଓଡ଼ିଆ ଗୌରବ ସମ୍ମାନ



ନୟାଗଡ଼, ୮।୩(ଲୋକନାଥ ମିଶ୍ର)

ଓଡ଼ିଶାର ରାଜନୈତିକ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମ ଦି ଗ୍ରେଟ ଓଡ଼ିଶା ପଲିଟିକାଲ ସର୍କସର ଅଭିନେତା ତଥା ବ୍ୟଙ୍ଗ କବି ରବୀନ୍ଦ୍ର ରାଉତ ଓଡ଼ିଆ ଗୌରବ ସମ୍ମାନ ପାଇବେ। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଇନ୍ଦୋର ପ୍ରବାସୀ ଓଡ଼ିଆ ସମାଜ ଦ୍ୱାରା ଓଡ଼ିଶା ଦିବସ ଅବସରରେ ଏପ୍ରିଲ ୫ରେ ସମ୍ମାନିତ କରିବାକୁ ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ବ୍ୟଙ୍ଗ କବି ତଥା ଅଭିନେତା ରବୀନ୍ଦ୍ର ଏହା ପୂର୍ବରୁ ରାଜ୍ୟ ବାହାରେ ମୁମ୍ବାଇ ଓ ଚେନ୍ନାଇଠାରେ ସମ୍ମାନିତ ହୋଇଛନ୍ତି। ଯାହାକି ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ। ନୟାଗଡ଼ ସହରତଳି ଗାଁ ମୁକ୍ତପୁରରେ ଏକ କ୍ଷୁଦ୍ର ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିବା ରବୀନ୍ଦ୍ର ୨୦୧୦ରେ ପଲଟିକାଲ ସର୍କସରେ ଭାଗନେଇ ସେହିବର୍ଷ ରାଜ୍ୟସ୍ତରରେ ବିଜୟୀ ହୋଇ ନୟାଗଡ଼ ଜିଲାକୁ ଗୌରାବାନ୍ୱିତ କରିଥିଲେ। ଏହା ପରଠୁ ସେ ଆଉ କେବେ ପଛକୁ ଫେରି ଚାହିଁନାହାନ୍ତି। ଅନେକବାର ଦୁର୍ଘଟଣାର ଶିକାର ହୋଇଥିଲେ ମଧ୍ୟ ସେ କଳା ଜଗତରୁ କେବେ ଦୂରେଇ ଯାଇନାହାନ୍ତି। ଦୀର୍ଘ ୧୬ବର୍ଷ ମଧ୍ୟରେ ଅନେକ ଓଡ଼ିଆ ଧାରା ବାହିକ, ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ସେ ବ୍ୟଙ୍ଗ କଲମ ଭଳି ଏକ ମାସିକ ହାସ୍ୟ ବ୍ୟଙ୍ଗ ପତ୍ରିକାର ସମ୍ପାଦନା କାର୍ଯ୍ୟ ତୁଲାଉଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁମିଳନ, ସମ୍ବର୍ଦ୍ଧନା ସମାରୋହ



ସମାରୋହରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନୟାଗଡ଼, ୮।୩ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଶିକ୍ଷା ବିଭାଗର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁମିଳନ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ସଭା ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପୀତବାସ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଲାଠିପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଶତପଥୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ସାହୁ, ଏୟୁପିଟିଏଫ୍ ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରାଥମିକ ଶିକ୍ଷକ ମହାସଂଘ ଜିଲା ସଂଯୋଜକ ମୃତ୍ୟୁଞ୍ଜୟ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାଦାନ ଏକ ମହାନ୍ କାର୍ଯ୍ୟ ହୋଇଥିବାବେଳେ ରାଜ୍ୟରେ ପ୍ରାଥମିକ ଶିକ୍ଷକମାନେ ଆରମ୍ଭରୁ ଅବହେଳିତ ଏବଂ ନିଷ୍ପେଷିତ ହୋଇ ଆସୁଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ଶିକ୍ଷାଦାନ ସହିତ ବିଭିନ୍ନ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରୁଥିବାବେଳେ ସେମାନଙ୍କ ମୂଳସମସ୍ୟାଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାତୀ ସରିନ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ୨୦୧୨ରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇ ନିୟମିତ ହୋଇଥିବା ତଥା ଅନ୍ୟ ବ୍ଲକ ଏବଂ ଜିଲାରୁ ବଦଳି ହୋଇ ଆସିଥିବା ୮୦ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଂଘ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସଲିମ ଇବ୍ରାହିମ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ସୁଶ୍ରୀ ସଙ୍ଗୀତା ମିଶ୍ର ଏବଂ ହରପ୍ରିୟା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଗ୍ରାମ କେଶରୀ ସାହୁ, ଅଶୋକ ମଲ୍ଲ, ଚିତ୍ତରଞ୍ଜନ ଦାଶ, ଅକ୍ଷୟ ପରିଡ଼ା, କୁଞ୍ଜବିହାରୀ ଜେନା, ଶରତ ପାଳ, ମନ୍ମଥ କିଶୋର ନାୟକ,କୈଳାସ ନାୟକ, ପ୍ରକାଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

ଓଡଗାଁ ବ୍ଲକ ଭାଡିକିଲା ଭଗବାନପୁରଠାରେ ତ୍ରିନାଥ ଠାକୁରଙ୍କ ୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ କୈଳାସ ଭଟ୍ଟ ଓ କଳ୍ପନା ଭଟ୍ଟ ଦାୟିତ୍ୱ ତୁଲାଇ ଥିଲେ। ଗ୍ରାମର ଦକ୍ଷିଣ ଦିଗରେ ପ୍ରବାହିତ ହେଉଥିବା କୁସୁମୀ ନଦୀରୁ ସଂକଳ୍ପ କରି ଶୁଦ୍ଧ ଜଳ ଆଣି ଯଜ୍ଞ ଆରମ୍ଭ ହୋଇଥିଲା। ପୁରୋହିତ ରଞ୍ଜନ ନନ୍ଦଙ୍କ ଦ୍ୱାରା ହୋମ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଖପାଖରୁ ଶତାଧିକ ଲୋକ ସମାଗମ ହୋଇଥିଲା। ଗ୍ରାମର ସଭାପତି ସୁରେଶ ସ୍ୱାଇଁ,ସମ୍ପାଦକ ବାନାମ୍ବର ଡାକୁଆଙ୍କ ସହ ଗ୍ରାମବାସୀଙ୍କ ସହଯୋଗ କରିଥିଲେ।

# ମହିଳାଙ୍କ ସୁରକ୍ଷାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ନୟାଗଡ଼,୮।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଗୋଡିପଡା କଲ୍ୟାଣମଣ୍ଡପଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲା ଦୌରାଜଜ ସଂଘମିତ୍ରା ଶର୍ମା ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୋଡିପଡ଼ା ପଞ୍ଚାୟତର ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମିତି ସଭ୍ୟା ସସ୍ମିତା ମହାନ୍ତି, ସରକାରୀ ଆଇନଜୀବୀ ମନୋଜ ପଟ୍ଟନାୟକ, ରବିନାରାୟଣ ବରାଡ଼, ବସନ୍ତ ମହାନ୍ତି ଓ ଚିରଞ୍ଜିବି ଦାଶ, ଓଡ଼ଗାଁ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ନାରାୟଣ ନାୟକ, ସୁବାସ ପାତ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ମହିଳା ଯୋଗଦେଇଥିଲେ। ବକ୍ତାମାନେ ମହିଳାମାନଙ୍କ ସୁରକ୍ଷା, ସାମାଜିକ ଓ ଆର୍ଥିକ ବିକାଶରେ ସରକାରୀ ଯୋଜନା ଏବଂ ଆଇନଗତ ଦିଗ ସମ୍ପର୍କରେ ମତ ରଖିଥିଲେ। ସଭାକୁ ଓଡ଼ଗାଁ ତାଲୁକ ଆଇନ ସେବାପ୍ରାଧିକରଣର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ପରିଚାଳନା କରିଥିଲେ। ସାମାଜିକ କର୍ମୀ ସତ୍ୟବାଦୀ ସାହୁ ସଂଯୋଜନା କରିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ନୟାଗଡ଼, ୮।୩(ଲୋକନାଥ ମିଶ୍ର)



ମହିଳା ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏବଂ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବିତରଣ କାର୍ଯ୍ୟକ୍ରମ ଜିଲାସ୍ତରରେ ରବିବାର ଜିଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲାପାଳ ମଧୁମିତା ରଥ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଆଇନ ସେବାପ୍ରାଧିକରଣ ସଚିବ ସଚିବ ଅଞ୍ଜଳି ମଛଖଣ୍ଡ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ପୌରପାଳିକା ଅଧ୍ୟକ୍ଷା ନିରୁପମା ଖଟେଇ ଏବଂ ଡିଏସଡବ୍ଲ୍ୟୁଓ ଜୟଶ୍ରୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବିତରଣ ସହିତ ଜିଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ୧୫୨ ଛାତ୍ରୀଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ସହାୟିକା, ସୁପରଭାଇଜର, ସିଡିପିଓଙ୍କୁ ବାଚସ୍ପତି, ବିଧାୟକ ଓ ଜିଲାପାଳ ପୁରସ୍କୃତ କରିଥିଲେ। ସେହିଭଳି ଓଡ଼ଗାଁ ପ୍ରକଳ୍ପର ସୁପରଭାଇଜର ଅନୁପମା ଦାସଙ୍କୁ ଶ୍ରେଷ୍ଠ ସୁପରଭାଇଜର, ରଣପୁର ସିଡିପିଓ ସୁପ୍ରଭା ପାଣ୍ଡେଙ୍କୁ ଶ୍ରେଷ୍ଠ ସିଡିପିଓ ଭାବେ ସମ୍ମାନିତ କରାଯାଇଥିଲା।

# ପଞ୍ଚଦୋଳ ଯାତ୍ରା ପାଇଁ ଉତ୍ସବମୁଖର ବନମାଳୀପୁର

ଖଣ୍ଡପଡା,୮।୩ (ଅଜୟ କୁମାର ମହାରଣା)

ପଞ୍ଚଦୋଳ ମହୋତ୍ସବ ପାଇଁ ଉତ୍ସବମୁଖର ହୋଇଉଠିଛି ବନମାଳୀପୁର ଗ୍ରାମ। ଏହି ମହୋତ୍ସବ ୫ଦିନବ୍ୟାପୀ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ମିଳିଛି। ବନମାଳୀପୁର ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀସୋମନାଥ ଦେବଙ୍କ ମନ୍ଦିର ସମ୍ମୁଖସ୍ଥ ପଞ୍ଚଦୋଳ ମେଳଣ ପଡିଆରେ ଯାତ୍ରା ନିମନ୍ତେ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ସ୍ଥାନୀୟ ଆରାଧ୍ୟ ସୋମନାଥଦେବ ଜୀଉ ମନ୍ଦିର ନିକଟ ପଞ୍ଚୁଦୋଳ ପଡିଆରେ ମନ୍ଦିରର ସମସ୍ତ ଦେବ ନୀତି ସମାପନ ପରେ ସୋମନାଥ ଦେବ, ସ୍ୱପ୍ନେଶ୍ୱର ଦେବ, ରସିକମୋହନ, ବାଲୁଙ୍କେଶ୍ୱର ଦେବ, ରାଧାକାନ୍ତ, ଚୈତନ୍ୟ ଦେବ ଆଦି ୮ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ବନମାଳୀପୁର ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡିଆକୁ ରବିବାର ବିଳମ୍ବିତ ରାତିରେ ବିଜେ କରାଯାଇଥିଲା। ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆତସବାଜି ପ୍ରତିଯୋଗିତା ସହ ବିରାଟ ପଟୁଆର ଆୟୋଜନ କରାଯାଇଛି। ରାଜରାଜୁଡା ଅମଳରୁ ବନମାଳୀପୁର ଗ୍ରାମରେ ପଞ୍ଚଦୋଳ ଯାତ୍ରା ଓ ମେଳଣ ପର୍ବ ଅନୁଷ୍ଠିତ ହୋଇଆସୁଛି।

# ବରିଷ୍ଠ ନାଗରିକ ଫୋରମ ପ୍ରସ୍ତୁତି ବୈଠକ

ଖଣ୍ଡପଡା,୮।୩ (ଅଜୟ କୁମାର ମହାରଣା)




ବୈଠକରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ।

ଆଗାମୀ ଦିନରେ ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ସାଧାରଣ ଅଧିବେଶନ ଅନୁଷ୍ଠିତ ହେବାର ପ୍ରସ୍ତାବ ରହିଛି। ତେବେ ଏହାର ଚୂଡାନ୍ତ ନିଷ୍ପତ୍ତି ନିମନ୍ତେ ରବିବାର ପ୍ରସ୍ତୁତି ବୈଠକ ଖଳିସାହି-କୋଟପୋଖରୀସ୍ଥିତ ଇସ୍କନ ମଠ ପରିସରରେ ଅନୁଷ୍ଠାନର ସଭାପତି ଅଖିଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ମହାରଣା ଅନୁଷ୍ଠାନର ବିଭିନ୍ନ ସମସ୍ୟା ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରି ବିଗତ ୩ ବର୍ଷ ହେଲା ନୟାଗଡ଼ ଜିଲା ପ୍ରଶାସନ, ବରିଷ୍ଠ ନାଗରିକମାନଙ୍କୁ ଆଇ.କାର୍ଡ (ଚିହ୍ନଟ କାର୍ଡ) ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଥିବାରୁ ସମଗ୍ର ନୟାଗଡ଼ ଜିଲାର ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ଆବେଦନକାରୀ ଉକ୍ତ କାର୍ଡ ପାଇବାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ନୂତନ ଭାବେ ଯୋଗଦେଇଥିବା ନୟାଗଡ଼ ଜିଲାପାଳ ମଧୁସ୍ମିତା ରଥଙ୍କ ସହଯୋଗକ୍ରମେ ଇତିମଧ୍ୟରେ ଖଣ୍ଡପଡ଼ା ବ୍ଲକ ଓ ଏନଏସି ଅଞ୍ଚଳର ୪୯ ଜଣ ବରିଷ୍ଠ ନାଗରିକମାନଙ୍କୁ ଆଇ.କାର୍ଡ ପ୍ରଦାନ କରାଯାଇଥିବା ମହାରଣା ସୂଚନା ଦେଇଥିଲେ। ତେବେ ବରିଷ୍ଠ ନାଗରିକମାନେ ବିଭିନ୍ନ ବ୍ୟାଙ୍କ, ସ୍ୱାସ୍ଥ୍ୟ ଓ ପ୍ରଶାସନିକ ସେବା ସହ ସାଧାରଣ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ପାଉ ନ ଥିବା କେତେଜଣ ସଭ୍ୟ ଅଭିଯୋଗ କରି ଏ ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ରଖିଥିଲେ। ବିଭିନ୍ନ ଆଲୋଚନା ପରେ ଏପ୍ରିଲ ୧୭ରେ ଅନୁଷ୍ଠାନର ସାଧାରଣ ଅଧିବେଶନ କଣ୍ଟିଲୋଠାରେ କରାଯିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅଧିବେଶନରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଗଲା। ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରଭାକର ଶିରୋମଣି, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ, ଡ. ହରିହର ଦାଶ, ବରିଷ୍ଠ ନାଗରିକ ଉଦୟ ନାଥ ବେହେରା, କାଶୀନାଥ ଦାସ, ଭିକାରୀ ଚରଣ ଷଡଙ୍ଗୀ, ଭାଗୀରଥି ନାୟକ, ନରସିଂହ ଜେନା, ମେଜର ରାଜକିଶୋର ସାହୁ, ସତ୍ୟବାଦୀ ଦାସ ପ୍ରମୁଖ ୨୫ ଜଣ ପରିଚାଳନା କମିଟିର ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗାଁ ବିକାଶରେ ମହିଳାଙ୍କ ସକ୍ରିୟ ସହଭାଗିତା ଜରୁରୀ

ଦଶପଲ୍ଲା, ୮।୩( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ତେଣ୍ଟାବାଡ଼ି ପଞ୍ଚାୟତ ଅଧୀନ ଆଦିମ ଜନଜାତି ଲେମ୍ବୁଗୋଛା ଗ୍ରାମରେ ଅଧିକାର ମିତ୍ର ଉର୍ମିଳା ଯାନୀଙ୍କ ଆୟୋଜନକ୍ରମେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନାରୀ ସମ୍ମିଳନୀ ଓ ସାଂସ୍କୃତିକ ମେଳା ୱାର୍ଡ ମେମ୍ବର ସୁକାନ୍ତି ଯାନୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଇଯାଇଛି। କନ୍ଧ ନୂଆସାହି, ଗୁଣ୍ଡାପାଙ୍କୁ ଓ ମଶାବାରୀ ଇତ୍ୟାଦି ଗ୍ରାମର ଶତାଧିକ ଗ୍ରାମୀଣ ଆଦିମ ମହିଳା ଏଥିରେ ଯୋଗଦାନ କରି ନାରୀ ସୁରକ୍ଷା, ନାରୀ ଅଧିକାର ଓ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ତେଣ୍ଟାବାଡ଼ି ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମହିଳାମାନଙ୍କ ପାଇଁ ଥିବା ସରକାରୀ ଜନମଙ୍ଗଳ ଯୋଜନା ଓ ଗ୍ରାମ ପଞ୍ଚାୟତର ଭୂମିକା ବିଷୟରେ ଅବଗତ କରାଇଥିଲେ। ପ୍ରକଳ୍ପ ଅଧିକାର, ଦଶପଲ୍ଲାର ପରିଚାଳକ ପ୍ରଭାତ କୁମାର ସାହୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଲ୍ଲୀସଭା, ଗ୍ରାମସଭା ଓ ଗ୍ରାମ୍ୟସ୍ତରୀୟ ବିକାଶ କ୍ଷେତ୍ରରେ ମହିଳାମାନଙ୍କ ସକ୍ରିୟ ସହାଭାଗିତାକୁ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଅଧିକାର ମିତ୍ର ମାମିନୀ ନାୟକ, ବବିତା ନାୟକ, ସରୋଜିନୀ ମଲିକ, ଉର୍ମିଳା ଜାନୀ, ମନୋରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ସାହୁ ଓ ପ୍ରଦୀପ ସାହୁ ପ୍ରମୁଖ ମହିଳାମାନଙ୍କ ମଙ୍ଗଳ ପାଇଁ ଥିବା ସରକାରୀ ଜନ ମଙ୍ଗଳ ଯୋଜନା ଓ ପ୍ରକଳ୍ପ ଅଧିକାର ମାଧ୍ୟମରେ ଗରିବ ବଞ୍ଚିତ ମହିଳାମାନେ ପାଇଥିବା ସଫଳତା ତଥା ଉପକାରିତା ବିଷୟରେ ଅବଗତ କରିଥିଲେ। ଅଧିକାର ମିତ୍ର ପ୍ରକାଶ ମଣ୍ଡଳ ଗୀତ ମାଧ୍ୟମରେ ନାରୀ ଅଧିକାର ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମନୋରମା କହଁର ଓ ଉପାସୀ କଅାଁରଙ୍କ ନେତୃତ୍ୱରେ ଗ୍ରାମ୍ୟ ନାରୀ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରି ଗ୍ରାମ୍ୟସ୍ତରୀୟ ନାରୀ ସଙ୍ଗଠନକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଅଧିକାର ମିତ୍ର ପ୍ରତିମା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ତେଣ୍ଟାବାଡ଼ି ପଞ୍ଚାୟତରେ ଅନୁଷ୍ଠିତ ମହିଳା ଦିବସରେ ଯୋଗ ଦେଇଥିବା ମହିଳା ଓ ଅନ୍ୟମାନେ।

